୬ ମହିଳା ଟ୍ରାପ୍ ସୁଟିଂରେ ଭାରତକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ ପଦକ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୨୪୧ • ୩୦ ସେପ୍ଟେମ୍ବର ୨୦୨୬ ବୁଧବାର • ଭୁବନେଶ୍ୱର • Vol -33 • Issue-241 • 30th September 2026, Wednesday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟସ୍ତରୀୟ ଆଙ୍ଗନ୍ କା ଉତ୍ସବ

## ଏକ ସୁ-ପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ଏକ ସୁ-ପୋଷିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୂରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡିଶା ଭାବେ ପ୍ରତିଷ୍ଠିତ କରାଯିବ।



ମଙ୍ଗଳବାର ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଏକ ସୁପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ।

ସେ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି (ପୃଷ୍ଠା ୭ରେ)

### ଏସ୍‌ଡବ୍ଲ୍ୟୁସିଏରେ ୩,୨୮୦ କୋଟିର ନିବେଶ ପ୍ରସ୍ତାବକୁ ଅନୁମୋଦନ

## ସୃଷ୍ଟି ହେବ ୧୦,୬୬୧ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ ଅଥରିଟି ବୈଠକରେ ୩,୨୮୦.୫୮ କୋଟି ଟଙ୍କାର ମୋଟ ନିବେଶ ସହ ୧୯ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ୧୦,୬୬୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଅନୁମୋଦନ ଓଡ଼ିଶାର ବିବିଧ କ୍ଷେତ୍ରରେ ଶିଳ୍ପ ପରିବେଶକୁ ଆହୁରି ସୁଦୃଢ଼ କରିବା, ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଆଉ ଏକ ପଦକ୍ଷେପ ହୋଇଛି ।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନ ଓ ପୋଷାକ ଏବଂ ବୈଷୟିକ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କାପାବିଲିଟି ସେଣ୍ଟର ଜୈବ ଇନ୍ଧନ, ରାସାୟନିକ ଓ ରାସାୟନିକ ଉତ୍ପାଦ, ସର୍କୁଲାର ଇକୋନୋମି, ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ । ଏହି ନିବେଶଗୁଡ଼ିକ ପାରମ୍ପରିକ ଶିଳ୍ପ ସହ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ମଧ୍ୟ ଗୁଣାତ୍ମକ ନିବେଶ ଆକୃଷ୍ଟ କରିବା ପ୍ରତି ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ



ପ୍ରତିଫଳିତ କରୁଛି। ଏଥିସହ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ମଧ୍ୟ ଏହା ସମର୍ଥନ କରିବ।

ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ଅନୁଗୋଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ ଓ ସୁନ୍ଦରଗଡ ଜିଲ୍ଲା ଆଦି ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏଥିସହ ୮ଟି ଜିଲ୍ଲା-ବାଲେଶ୍ୱର, ବଲାଙ୍ଗିର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ଏକଜୈବ ଇନ୍ଧନପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତାବିତ ହୋଇଛି।

ଅନୁମୋଦିତ ପ୍ରମୁଖ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବୟନ, ପୋଷାକ ଓ ବୈଷୟିକ ବୟନ କ୍ଷେତ୍ରରେ ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ଏକ ସମନ୍ୱିତ ହୋସିଆରୀ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍‌ରେ ପ୍ରସ୍ତୁତ ହୋସିଆରୀ, ନିଟିଂ ଫ୍ୟାବ୍ରିକ୍, ବ୍ଲିଚିଂ ଓ ଡାଇଂ ଭଳି କାର୍ଯ୍ୟ ସାମିଲ ରହିବ। ଏଥିପାଇଁ ୧୨୫ କୋଟି ଟଙ୍କାର ନିବେଶ କରାଯିବ ଏବଂ ୧,୧୮୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି, ସାଇ ୱାର୍କୱେୟାର ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ପୋଷାକ, ଅଗ୍ନି ପ୍ରତିରୋଧୀ ୱାର୍କୱେୟାର ଓ ସୁରକ୍ଷାତ୍ମକ ବୈଷୟିକ ବୟନ ସାମଗ୍ରୀ ସମେତ ଏକ ସମନ୍ୱିତ ବୈଷୟିକ ବୟନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୫୯ କୋଟି ଟଙ୍କାର ନିବେଶ ସହ ୩,୬୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଦୁଇଟି ପ୍ରକଳ୍ପ ମିଳିତ ଭାବେ ଓଡ଼ିଶାର ବୟନ ଓ ବୈଷୟିକ ବୟନ ଶିଳ୍ପ ପରିବେଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) (ପୃଷ୍ଠା ୭ରେ)

### ଆଜି ବନକଲାଗି ନୀତି

## ୪ ଘଣ୍ଟା ବନ୍ଦ ରହିବ ଶ୍ରୀଜିଉଙ୍କ ଦର୍ଶନ

ପୁରୀ, ୨୯।୯ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ବୁଧବାର ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ପ୍ରଗତି ୫୦ରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ସହରାଞ୍ଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ ସ୍ୱୀକୃତି ମିଳିଛି। କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି ୫୦ ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି ।

ଚୟନିତ ସହରଗୁଡ଼ିକୁ 'ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି ୫୦ର ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ଠୋସ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ । ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ ।

ମଙ୍ଗଳବାର କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ପ୍ରଗତି ୫୦ର ଭର୍ଚୁଆଲ୍ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ମଧ୍ୟ ଏଥିରେ ଯୋଗଦେଇଥିଲେ ।

ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ । ଏଥିସହ ଭୁବନେଶ୍ୱର ଓ କଟକରେ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ।

ପ୍ରଗତି ୫୦କୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରଣାଳୟ, ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ଏସ୍ ବି ଏମ୍- ୟୁଟିମ୍ ସହ ସମନ୍ୱୟରେ କାର୍ଯ୍ୟ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଓ ମାନକ କାର୍ଯ୍ୟ ପଦ୍ଧତି ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯିବ ।

ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାବେଳେ ପୁରୀ ଦେଶର ଏକ ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ସହର । ପ୍ରତିବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଏହି ଦୁଇ ସହରକୁ ଆସୁଥିବାରୁ ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନାର ଗୁରୁତ୍ୱ ଆହୁରି ବଢ଼ିଯାଏ । ପ୍ରଗତି (ପୃଷ୍ଠା ୭ରେ)

## ଆମେରିକା ଉପରେ ଅସନ୍ତୋଷ ଝାଡ଼ିଲେ ଜୟଶଙ୍କର

ନ୍ୟୁୟର୍କ, ୨୯।୯

ପାକିସ୍ତାନରେ ଚାଲିଥିବା ଆତଙ୍କବାଦ ଓ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରସଙ୍ଗରେ ଆମେରିକାର ମନୋଭାବକୁ ନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ନ୍ୟୁୟର୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଭାରତ ଉପରେ ବର୍ଷ ବର୍ଷ ଧରି ହେଉଥିବା ଆତଙ୍କବାଦୀ ଆକ୍ରମଣ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା। ମାତ୍ର ଆମେରିକା ଭଳି ସହଯୋଗୀ ଦେଶ ଭାରତର ଏହି ସମ୍ବେଦନଶୀଳ ସମସ୍ୟାକୁ ସଠିକ୍ ଭାବେ ନବୁଝିବା କିମ୍ବା ଗୁରୁତ୍ୱ ନଦେବା ଦ୍ୱାରା ଦୁଇ ଦେଶର ବନ୍ଧୁତା ଓ ସମ୍ପର୍କ ଉପରେ ଖରାପ ପ୍ରଭାବ ପଡୁଛି।



ଏହା ସହିତ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି କଠିନ ହେବା ଏବଂ ଆମେରିକାର ନୂଆ ଶୁଳ୍କ (ଟାରିଫ୍) ନୀତି ଯୋଗୁଁ ସମ୍ପର୍କରେ କିଛି ମତଭେଦ ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି। ଭାରତର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଛୋଟ କାରଖାନାଗୁଡ଼ିକର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତ ନିଜ ସ୍ଥାପନାରେ କୌଣସି ଆପୋଷ ବୁଝାମଣା କରିନାହିଁ। ତେବେ ବର୍ତ୍ତମାନ ଏହି ବାଣିଜ୍ୟ ଚୁକ୍ତି ଉପରେ ଏକ ପ୍ରକାର ସହମତି ପ୍ରକାଶ ପାଇଛି।

ଅନ୍ୟପକ୍ଷରେ, ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମିଥ୍ୟା ଦାବିର କଡ଼ା ଜବାବ ଦେଇଛନ୍ତି ଜୟଶଙ୍କର। ସେ ପାକିସ୍ତାନକୁ କ୍ରମାଗତ ଆତଙ୍କବାଦ ରଚୁଥିବା ଦେଶ ବୋଲି କହିବା ସହ ଆତଙ୍କବାଦ ଓ ବନ୍ଧୁତା କେବେ ହେଲେ ଏକାଠି ଚାଲିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୁରକ୍ଷା ପାଇଁ ଭାରତ କଠୋର ପଦକ୍ଷେପ ନେବାର ପୂର୍ଣ୍ଣ ଅଧିକାର ରଖିଛି ବୋଲି ସେ ଦୃଢ଼ ଭାବେ କହିଛନ୍ତି।

### ଆଜିର ମୁଖ୍ୟ ଖବର

- ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କୁ ଭେଟିଲେ ଭାରତୀୟ ରାଜଦୂତ ନବୀନ ଶ୍ରୀବାସ୍ତବ।
- ମାନାଙ୍ଗରେ ତୁଷାରପାତ, ୪ ମୃତ, ୧୨ ନିଖୋଜ।
- ଜେଏମବି ସହ ଜଡ଼ିତ ମାମଲାରେ ଏନଆଇଏ ଆସାମର ଛଅ ଅଭିଯୁକ୍ତଙ୍କୁ ପୁଣି କଲା ଗିରଫ।
- ମଧ୍ୟପ୍ରଦେଶର ସିଧିରେ ଓଡ଼ିଶା ପୁଲିସ ଟିମ୍ ଉପରେ ଆକ୍ରମଣ, ଅସ୍ତ୍ରଧାରୀ ଦୁର୍ବୃତ୍ତ ଅଭିଯୁକ୍ତଙ୍କୁ ଛଡ଼ାଇ ନେଲେ।
- ଶିକ୍ଷା ନୀତି ନେଇ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଖଡଗେ ଓ ରାହୁଲଙ୍କ ବୈଠକ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୮୦ (-୧୩୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୪୦ (-୧୨୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୬୦ (-୧୦୩)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୦)

### ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ

## ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୨୯।୯

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱାଧୀନ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତିକୁ ନେଇ ଆଗତ ଆବେଦନର ଆସନ୍ତା ସପ୍ତାହରେ ଶୁଣାଣି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ବିକାଶ ସିଂହ ଏହି ମାମଲାକୁ ଉପସ୍ଥାପନ କରିଥିଲେ।

ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନଙ୍କ ଆଇନଗତ ନିୟମାନୁସାରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ କିମ୍ବା ବହୁମତ ଆଧାରରେ ଗ୍ରହଣ କରାଯିବା ଆବଶ୍ୟକ। ମାତ୍ର ବର୍ତ୍ତମାନ କମିଶନ ଯେପରି କାର୍ଯ୍ୟ କରୁଛନ୍ତି, ସେଥିରେ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତ କି ନୁହେଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ବିକାଶ ସିଂହ ଅଦାଲତଙ୍କୁ ଜଣାଇଛନ୍ତି।

ଗତ ୧୦ ମାସ ମଧ୍ୟରେ ଭୋଟର ତାଳିକା ନାମ ସାମିଲ କରିବା, ବାଦ୍ ଦେବା, ପୁନରୁଦ୍ଧାର ଏବଂ (ପୃଷ୍ଠା ୭ରେ)




### ନବନିର୍ମାଣ କୃଷକ ସଂଗଠନର

## ଓଡ଼ିଶା ବନ୍ଦ ଆଜି

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ବୁଧବାର ଓଡ଼ିଶା ବନ୍ଦ ଡାକରା ଦେଇଛି ନବନିର୍ମାଣ ଯୁବ ଛାତ୍ର ସଂଗଠନ। ନବନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି। ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ହେଉଛି ସଂଗଠନର ମୁଖ୍ୟ ଦାବି।

ଅକ୍ଷୟ କୁମାର କହିଛନ୍ତି ଯେ ନୈତିକ ଉତ୍ତରଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ। ତ୍ରୁଟିପୂର୍ଣ୍ଣ ବହିକୁ ସରକାର ଫେରାଇ ନିଅନ୍ତୁ ଓ ପିଲାଙ୍କୁ ସଂଶୋଧିତ ବହି ଦିଅନ୍ତୁ। ଆମେ ୪୧ ଦିନ ଧରି ଅନଶନରେ ବସିବା ସତ୍ତ୍ୱେ ସରକାର ଆମ ସହିତ (ପୃଷ୍ଠା ୭ରେ)

### ଏକାଳ ପଖାଳ



ବୈଠକ ପରେ ବୈଠକ
ଜନତା ଦେଖଇ ନାଟ
ମହାନଦୀ କଳି ପାଇନି ଏଯାଏ
ସମାଧାନଟାର ବାଟ
ମିଛ ସତ ଯେତେ କୁହାଟ
ଶୁଣିଶୁଣି ନେତା ବାଣୀ ଜନତା
ପଡିଲାଣି କଳାକାଠ।

## ଚାଲିଲାନାହିଁ ଗୃହ, ହେଲାନି ଆଲୋଚନା : କ୍ଷୋଭ ଓଗାଳିଲେ ମନ୍ତ୍ରୀ ଓ ବିଧାୟକ



■ ବିବେକାନନ୍ଦ ଜେନା

ଗଣତନ୍ତ୍ର'ର ପବିତ୍ର ମନ୍ଦିର ବୋଲି କୁହାଯାଉଥିବା ଓଡ଼ିଶା ବିଧାନସଭାରେ ରାଜ୍ୟର ସାଢେ ଚାରି କୋଟି ଲୋକଙ୍କ ସମସ୍ୟା କି ରାଜ୍ୟ ସ୍ୱାର୍ଥ ଜଡ଼ିତ କୌଣସି ଗୋଟିଏ ହେଲେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିଲା ନାହିଁ । ଗୃହ ତ ଠିକ୍‌ରେ ସ୍ୱାଭାବିକ ଭାବେ ଚାଲିଲା ନାହିଁ, ଆଉ ଆଲୋଚନା ହେବ କ'ଣ କେମିତି ? ହେଲେ ଅଧିବେଶନ ଆରମ୍ଭରୁ ଶେଷ ଯାଏ ବିରୋଧି ଦଳ (ଉଭୟ ବିଜେଡ଼ି ଓ କଂଗ୍ରେସ)ର ବିଧାୟକମାନେ କେବଳ ସେମାନଙ୍କ ଶକ୍ତି ପ୍ରଦର୍ଶନ ପ୍ରତିଯୋଗିତାରେ ବ୍ୟସ୍ତ ରହିଲେ । ଗୃହର ମଧ୍ୟଭାଗରେ ଏକଜୁଟ୍ ହୋଇ ସେମାନେ ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଲେ । ନିର୍ଦ୍ଦିଷ୍ଟ ଭାବେ ମାତ୍ର ଦୁଇଟି ପ୍ରସଙ୍ଗ (ସ୍କୁଲ୍ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ସଂଶୋଧିତ ଏମ୍‌ଏମ୍‌ଡିଆର ଅଧିନିୟମ ପ୍ରତ୍ୟାହାର ଦାବି)କୁ ନେଇ ସେମାନେ ଗୃହ ମଧ୍ୟରେ ପୋଷ୍ଟର ପ୍ରଦର୍ଶନ ସହ ଉଚ୍ଚସ୍ୱରରେ ସରକାର ବିରୋଧି ସ୍ଲୋଗାନବାଜି କରିବା, ରିପୋଟର ଟେବୁଲ୍ ଉପରେ ଚଢ଼ି ବୁଲିବା, ଘଣ୍ଟ ବଜାଇବା, ବାଚସ୍ପତିଙ୍କ ପୋଡିୟମକୁ ବାଢ଼େଇ ଗୃହର ବାତାବରଣକୁ ପ୍ରକମ୍ପିତ କରିବା ଇତ୍ୟାଦି ପ୍ରକାରେ ପ୍ରତିବାଦ ଜାରି ରଖିବାରୁ ସମୁଦାୟ ଅଧିବେଶନ ଅଚଳ ହୋଇପଡ଼ିଥିଲା । ଯାହାଫଳରେ ଗୃହରେ ଗୋଟିଏ ପ୍ରଶ୍ନ ଉପରେ ବି ସ୍ୱାଭାବିକ ଆଲୋଚନା ହୋଇପାରିନଥିଲା । ଏହାକୁ ନେଇ ମନ୍ତ୍ରୀ ଓ ବିଧାୟକମାନେ ବିଧାନସଭା ଭିତରେ ଓ ବାହାରେ ଖୋଲାଖୋଲି ଭାବେ ଗଭୀର କ୍ଷୋଭ ଓଗାଳିବା ସହ ଅସନ୍ତୋଷ ଓ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କଲେ ।

### ମୌସୁମୀ ଅଧିବେଶନ ସମୀକ୍ଷା

ସଦ୍ୟ ସମାପ୍ତ ସପ୍ତମ ଓଡ଼ିଶା ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନ ଆରମ୍ଭରୁ ଶେଷ ଯାଏଁ ଏଭଳି ଘଟିଥିବାର ପରିଲକ୍ଷିତ ହେଲା । ସେପ୍ଟେମ୍ବର ୨୨ ରୁ ଆରମ୍ଭ ହୋଇ ମୌସୁମୀ ଅଧିବେଶନ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ପାଞ୍ଚ ଦିନ କାର୍ଯ୍ୟକ୍ରମ ବିରୋଧିଦଳର ନାରାବାଜି ଜନିତ ହଟ୍ଟଗୋଳ କାରଣରୁ ଚାଲିପାରି ନଥିଲା । ଏଭଳି ଅବସ୍ଥାରେ ବାଚସ୍ପତି ସୁରମା ପାଢୀ ମୌସୁମୀ ଅଧିବେଶନର ଅବଧି ସରିବାର ୪ ଦିନ ପୂର୍ବରୁ ଗୃହକୁ (ପୃଷ୍ଠା ୭ରେ)

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ସୁଧ ହାର ବଢ଼ିଲେ ଲୋନ୍ ଏବଂ EMI ଉପରେ ପଡ଼ିବ ପ୍ରଭାବ

ଯଦି ସୁଧ ହାର ବୃଦ୍ଧି ପାଏ, ତେବେ ଏହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ଲୋନ୍ ଏବଂ EMI ଉପରେ ପଡ଼ିବ । ବ୍ୟାଙ୍କଗୁଡ଼ିକର ଋଣ ସୁଧ ହାର ବଢ଼ିଲେ ହୋମ୍ ଲୋନ୍, ପର୍ସନାଲ୍ ଲୋନ୍ ଏବଂ ଅନ୍ୟାନ୍ୟ ଫ୍ଲୋଟିଂ-ରେଟ୍ ଲୋନ୍ ମହଙ୍ଗା ହୋଇ ପାରେ। ଅନ୍ୟପଟେ, ଉଚ୍ଚ ସୁଧ ହାର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ଏବଂ ଟଙ୍କା ଉପରେ ଚାପ କମ୍ କରିବାରେ ସାହାଯ୍ୟ କରିପାରେ । RBI ନିକଟରେ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଥିବା Excess Liquidityକୁ କମାଇବା ପାଇଁ ବଣ୍ଡ ବିକ୍ରି ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରୁଛି। ଜାଣିବା କଥା ହେଲା, ସର୍ଭେର ହାରାହାରି ଆକଳନ ଅନୁଯାୟୀ, ରେପୋ ରେଟ୍ ୫.୭୫% ରେ ପହଞ୍ଚିବା ପରେ ଦୀର୍ଘ ସମୟ ଧରି ଏହି ସ୍ତରରେ ରହିବା ସମ୍ଭାବନା ରହିଛି। ରଏଟର୍ସ ଅନୁଯାୟୀ, ଆକଳନ କରାଯାଇଛି ଯେ , ଏହି ହାର ଅତି କମରେ ୨୦୨୮ ମଧ୍ୟ ଭାଗ ପର୍ଯ୍ୟନ୍ତ ୫.୭୫% ରହି ପାରେ, ଯାହାଦ୍ୱାରା ସମ୍ଭାବ୍ୟ ସୁଧ ହାର ବୃଦ୍ଧି ଚକ୍ର (Rate-hiking cycle) ବିଗତ ଦଶନ୍ଧି ତୁଳନାରେ ଆପେକ୍ଷିକ ଭାବେ ସୀମିତ ରହିବ । ତଥାପି, ଆଗାମୀ ଦିନର ସ୍ଥିତି ମୁଦ୍ରାସ୍ଫୀତି ଏବଂ ଶକ୍ତି ମୂଲ୍ୟ ସମେତ ଅନ୍ୟାନ୍ୟ ଆର୍ଥିକ ତଥ୍ୟ ଉପରେ ନିର୍ଭର କରିବ । ଭାରତୀୟ ରିଜର୍ଭ ବ୍ୟାଙ୍କ ଅକ୍ଟୋବର ମାସର Monetary Policy Committeeର ବୈଠକରେ ରେପୋ ରେଟ୍ ବୃଦ୍ଧି କରି ପାରେ । ରଏଟର୍ସ ପକ୍ଷରୁ ୧୮ ରୁ ୨୮ ସେପ୍ଟେମ୍ବର ମଧ୍ୟରେ କରାଯାଇ ଥିବା Economists Poll ଅନୁଯାୟୀ, ପ୍ରାୟ ୬୦% ଅର୍ଥାତ୍ ୬୧ ଜଣଙ୍କ ମଧ୍ୟରୁ ୩୫ ଜଣ ଅର୍ଥଶାସ୍ତ୍ରୀ ଆକଳନ କରିଛନ୍ତି ଯେ, RBI ଅକ୍ଟୋବରରେ ରେପୋ ରେଟକୁ ୨୫ ବେସିସ୍ ପଏଣ୍ଟ ବଢ଼ାଇ ୫.୫୦% କରି ପାରେ । ଯଦି ଏପରି ହୁଏ, ତେବେ ଫେବୃଆରୀ ୨୦୨୩ ପରେ ଏହା ପ୍ରଥମ ସୁଧ ହାର ବୃଦ୍ଧି ହେବ । ସୁଧ ହାର ବଢ଼ିବାର ସବୁଠୁ ବଡ଼ କାରଣ ଦେଶରେ ବୃଦ୍ଧି ପାଉ ଥିବା ମୁଦ୍ରାସ୍ଫୀତି ବୋଲି କୁହାଯାଉଛି। ଅଗଷ୍ଟ ୨୦୨୬ରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୪.୮୨ ପ୍ରତିଶତରେ ପହଞ୍ଚିଛି, ଯାହା RBIର ୪ ପ୍ରତିଶତର ମଧ୍ୟମ-ମିଆଦୀ ଲକ୍ଷ୍ୟ ଠାରୁ ଲଗାତାର ତୃତୀୟ ମାସ ପାଇଁ ଉପରେ ରହିଛି । ମୁଦ୍ରାସ୍ଫୀତିର ଚାପ ଏବେ କେବଳ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ମଧ୍ୟରେ ସୀମିତ ନାହିଁ, ବରଂ ଖାଦ୍ୟ ଏବଂ ଶକ୍ତି ସହ ଅନ୍ୟାନ୍ୟ ବର୍ଗର ସାମଗ୍ରୀର ମୂଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳୁଛି। ଏହା ଯୋଗୁଁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା RBI ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଚାଲିଛି । ମୁଦ୍ରାସ୍ଫୀତି ବ୍ୟତୀତ ବିଶ୍ୱ ଆର୍ଥିକ ସ୍ଥିତି ଏବଂ ଭାରତୀୟ ଟଙ୍କା ଉପରେ ପଡୁଥିବା ଚାପ ମଧ୍ୟ RBIର ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରେ । ଚଳିତ ବର୍ଷ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ପ୍ରାୟ ୬% ଦୁର୍ବଳ ହୋଇଛି । ଅନ୍ୟପଟେ, ମଧ୍ୟପ୍ରାଚ୍ୟରେ ଲାଗି ରହି ଥିବା ଉତ୍ତେଜନା ହେତୁ Energy Pricesରେ ଅସ୍ଥିରତା ବୃଦ୍ଧି ପାଇଛି। ଭାରତ ନିଜ ତେଲ ଆବଶ୍ୟକତାର ଏକ ବଡ଼ ଭାଗ ଆମଦାନୀ କରୁଥିବାରୁ, ଦୀର୍ଘ ସମୟ ଧରି କ୍ରୁଡ୍ ଅଏଲ୍ ମହଙ୍ଗା ରହିଲେ ତାହା ଆଭ୍ୟନ୍ତରୀଣ ମୁଦ୍ରାସ୍ଫୀତି ଉପରେ ଅତିରିକ୍ତ ଚାପ ପକାଇ ପାରେ । ରଏଟର୍ସ ସର୍ଭେରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ସାମ୍ନାକୁ ଆସିଛି । ୫୩ ଜଣ ଅର୍ଥଶାସ୍ତ୍ରୀଙ୍କ ମଧ୍ୟରୁ ୨୯ ଜଣଙ୍କର ଅନୁମାନ ଯେ, ଡିସେମ୍ବର ସୁଦ୍ଧା RBI ଅତି କମରେ ଆଉ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରି ପାରେ । ଅର୍ଥାତ୍ ଅକ୍ଟୋବରରେ ୫.୫୦% କୁ ଯିବା ପରେ ଡିସେମ୍ବରରେ ରେପୋ ରେଟ୍ ୫.୭୫% ରେ ପହଞ୍ଚିବା ନେଇ ମଧ୍ୟ ବଜାରରେ ଚର୍ଚ୍ଚା ଚାଲିଛି। ହେଲେ, ଏହା ବର୍ତ୍ତମାନ କେବଳ ଅର୍ଥଶାସ୍ତ୍ରୀଙ୍କ ଆକଳନ ଏବଂ ପ୍ରକୃତ ନିଷ୍ପତ୍ତି ସେହି ସମୟରେ ଉପଲବ୍ଧ ଇନ୍‌ଫ୍ଲେସନ, ଗ୍ରୋଥ , ଲିକ୍ୱିଡିଟି ଓ ଗ୍ଲୋବାଲ କଣ୍ଡିସନର ତଥ୍ୟ ଉପରେ ନିର୍ଭର କରିବ ।



## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଠାକୁର ସମସ୍ତଙ୍କ କଥା ଶୁଣନ୍ତି ଓ ବୁଝନ୍ତି

### "ଚୋରିକଲା ଲୋକର ଗୋଟିଏ ପାପ ଚୋରି ଗଲା ଲୋକର କୋଟିଏ ପାପ"

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ଛୋଟିଆକଥା ମୁଁ ଆଜି ତୁମକୁ କହୁଛି ଧ୍ୟାନ ଦେଇ ଶୁଣ, ଚୋରୀ କରିବା ଗୋଟିଏ ପାପ କିନ୍ତୁ ଯାହାର ଚୋରି ଗଲା ତାହାର କୋଟୀଏ ପାପ। ଏହାର ଅର୍ଥ କଣ? ଏହାର ଅର୍ଥ ହେଉଛି ଚୋର ଚୋରୀ କରି ଚାଲିଗଲା କିନ୍ତୁ ଚୋରି ଗଲା ଲୋକର ସମସ୍ତଙ୍କ ଉପରେ ସନ୍ଦେହ ବଢିଚାଲିଲା । ସେହି ସନ୍ଦେହ ହିଁ ମହାପାପ । ଚୋରିଠାରୁ ଭୟଙ୍କର ମହାପାପ ହୋଇଥାଏ । ଜଣେ ସାଧାରଣ ନିଷ୍ପାପୀ ଉପରେ ସନ୍ଦେହ କରିବା ଅର୍ଥ ଈଶ୍ୱରଙ୍କୁ ସନ୍ଦେହ କରିବା ସହିତ ସମାନ । ଗୁରୁଙ୍କୁ ସନ୍ଦେହ କରିବା ସହିତ ସମାନ । ଏଣୁ ହେ ଭକ୍ତ ହେ ଶିଷ୍ୟ ପ୍ରତ୍ୟେକ ଶବ୍ଦକୁ ପ୍ରଥମେ ସ୍ଥିର ଚିତ୍ତରେ ବିଚାର କର । ଯାହା ହୋଇଯାଇଛି ତା ଉପରେ ନିଜେ ନିଜକୁ ପ୍ରଥମେ ସମୀକ୍ଷା କର । ଅନ୍ୟ ଉପରେ ଦୋଷ ଲଦିବା ପୂର୍ବରୁ ନିଜର ତୃଟିକୁ ପ୍ରଥମେ ଉଦ୍ଧାର କର, ବା ଆବିଷ୍କାର କର ଆଉ ଯଦି ତୁମେ ତୁମର ତ୍ରୁଟିକୁ ଆବିଷ୍କାର କରିଦେଲ ଦେଖିବ ଚୋର ବହୁତ ବାଟରେ ନାହାଁ ସେ ହିଁ ତୁମରି ପାଖରେ ଅଛି । ତେଣୁ ଖୋଜିବା ପୂର୍ବରୁ ବୁଝିବା ଶିଖ, କାହାର ସନ୍ଦହର ପାତ୍ର ହୁଅନାହିଁ କି କାହାକୁ ସନ୍ଦହ ଦୃଷ୍ଟିରେ ଦେଖନାହିଁ । କାରଣ ତୁମକୁ ଆହୁରି କଷ୍ଟ ଭୋଗିବାକୁ ପଡିବ । ତେଣୁ ସାବଧାନ, ନଚେତ୍ ଠକିଯିବଟି । ହରି ଓଁ ।

# ଓଡ଼ିଆ ଲିପି ଓ ଭାଷାର ଅଭ୍ୟୁଦୟରେ ଭୁବନେଶ୍ୱରର ଅବଦାନ (୧)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କୌଣସି ସ୍ଥାନର କିଂବଦନ୍ତୀ, ଭୌଗୋଳିକ ସ୍ଥିତି, ଇତିହାସ ତଥା ପ୍ରତ୍ନତାତ୍ତ୍ୱିକ ଅବଶେଷ, ବସତି କରି ରହିଥିବା ଲୋକମାନଙ୍କର ଗୋତ୍ର ସହ ଭାଷାକୁ ଅନୁଶୀଳନ କରାଗଲେ ସେଠାର ଇତିହାସ ସମ୍ପର୍କୀୟ ବହୁ ଅଜଣା କଥା ପଦାକୁ ଆସିଥାଏ। ଏଭଳି ଅନୁଶୀଳନ ବିନା କୌଣସି ସ୍ଥାନ ବା ଜାତିର ଇତିହାସ ସମ୍ପର୍କରେ କିଛି କହି ହୁଏନାହିଁ। ବର୍ତ୍ତମାନ ଓଡ଼ିଆ ଭାଷାର ପ୍ରାଚୀନତା ଓ ଉତ୍ପତ୍ତି ସମ୍ପର୍କୀୟ ଇତିହାସର ବହୁ ଆଲୋଚନା ପୂର୍ବ ସୁରୀମାନଙ୍କ ଦ୍ୱାରା ଆଗରୁ ହୋଇ ସାରିଥିଲେ ମଧ୍ୟ ସେ ସବୁ ପୁନଃ ସମୀକ୍ଷାର ଆବଶ୍ୟକତା ରହିଛି।

ଭୁବନେଶ୍ୱର ତଥା ଏହା ସଂଲଗ୍ନ ଜନପଦମାନ ଏପରି ଏକ ଅଞ୍ଚଳ ଯେଉଁସବୁର ଇତିହାସ ଅନୁଧ୍ୟାନ କରାଗଲେ ଓଡ଼ିଆ ଭାଷା ଓ ଲିପିର ପ୍ରାଚୀନତା ସମ୍ପର୍କରେ ସମ୍ୟକ ଧାରଣା କରିହୁଏ। ପ୍ରାଚୀନ ଓଡ଼ିଆ ଜାତିର ବସତିମାନ କହିଲେ ମୁଖ୍ୟତଃ କଳିଙ୍ଗ, ତୋଷାଳି, ଉତ୍କଳ, ଉଡ୍ର ଓ ଦକ୍ଷିଣ କୋଶଳ, ରାଜ୍ୟମାନଙ୍କର ଅନ୍ତର୍ଭୁକ୍ତ। ଆଲୋଚନା କଲେ ଦେଖାଯାଏ ଯେ ଅନ୍ୟୁନ ଖ୍ରୀ.ପୂ. ୪୦୦୦ ବର୍ଷ ପୂର୍ବରୁ ଭାରତବର୍ଷରେ ଭାଷାର ଲିପି ବ୍ୟବହାର ହୋଇଥିବାର କେତେକଙ୍କର ମତ ଥିଲେ ମଧ୍ୟ ଏହାର କୌଣସି ସଠିକ୍ ଇତିହାସ ନାହିଁ। ମୁଖ୍ୟତଃ ସିନ୍ଧୁ ସଭ୍ୟତାର ବିକାଶ କାଳରୁ ହିଁ ଐତିହାସିକ ଯୁଗ ଆରମ୍ଭ ହୋଇଛି ବୋଲି ଗ୍ରହଣ କରାଯାଇଥାଏ। ଏହି ସଭ୍ୟତାର ଲୋକମାନେ ଯେଉଁ ଭାଷା ବ୍ୟବହାର କରୁଥିଲେ ତାହାକୁ ସୈନ୍ଧବ ଲିପି କୁହାଯାଉଥିଲେ ମଧ୍ୟ ତାହାର ପାଠ ଏପର୍ଯ୍ୟନ୍ତ ଜାଣି ହୋଇନାହିଁ। ଓଡ଼ିଶାରେ ଯୋଗୀମଠ ଚିତ୍ରଲିପିକୁ ପ୍ରାକ୍ ଐତିହାସିକ ଯୁଗର ପ୍ରାଚୀନ ଲିପି କୁହାଯାଇଥିଲେ ବି ତାହାର ସାଙ୍କେତିକ ଅର୍ଥ ଏପର୍ଯ୍ୟନ୍ତ ମିଳିପାରିନାହିଁ। ଏହି ଶିଳା ଚିତ୍ରକଳାର ପରବର୍ତ୍ତୀ ଲିପି ହେଉଛି ବ୍ରାହ୍ମୀ। ଯାହାକୁ ବର୍ତ୍ତମାନ ସର୍ବପୁରାତନ ଭାବରେ ଗ୍ରହଣ କରାଯାଇଛି। ମାତ୍ର ତାହା ପୂର୍ବରୁ ଭାଷା ପ୍ରକାଶନ ନିମନ୍ତେ ଯେଉଁ ଲିପିମାନ ବ୍ୟବହାର କରାଯାଉଥିଲା ତାହାର ପାଠୋଦ୍ଧାର ହୋଇ ନଥିବାରୁ ଏଭଳି ମତ ଗ୍ରହଣ କରିହୁଏ ନାହିଁ। ଶିଳା, ସ୍ୱର୍ଣ୍ଣ ବା ତାମ୍ରଫଳକ, ମୁଦ୍ରା, ପୋଡ଼ାମାଟି, ଭୂଜ ଓ ତାଳପତ୍ର ଇତ୍ୟାଦି ଉପରେ ବହୁ ଅକୁହା ତଥ୍ୟ ରହିଯାଇଛି ଓ ଯାହାର ପାଠମାନ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରି ନାହିଁ। ଏହିସବୁ ମଧ୍ୟରୁ ପ୍ରସ୍ତର ଗାତ୍ରରେ ଖୋଦିତ ବା ଅଙ୍କିତ ଲିପିମାନ ସର୍ବପ୍ରାଚୀନ ବୋଲି କୁହାଯାଇଥାଏ। ବୌଦ୍ଧମାନଙ୍କର ଆଚରଣବିଧି ବା ବୁଦ୍ଧଦେବଙ୍କ ପ୍ରବଚନମାନ ବ୍ରାହ୍ମୀଲିପିରେ ଲେଖା ଯାଇଥିଲା। ବୁଦ୍ଧଙ୍କର ଜୀବିତ ଅବସ୍ଥାରେ କେତୋଟି ଛୋଟ ଲେଖମାନ ପ୍ରଚାର ନିମନ୍ତେ ବୌଦ୍ଧଭିକ୍ଷୁମାନଙ୍କ ମଧ୍ୟରେ ବିତରଣ ହେଉଥିଲା। ଦେଖିବାକୁ ଗଲେ ଆଜି ପର୍ଯ୍ୟନ୍ତ ଯେତେଗୁଡ଼ିଏ ଲେଖ ମିଳିଛି ତାହାସବୁ ବୌଦ୍ଧଧର୍ମ ସମ୍ପର୍କୀୟ। ଜେନେରାଲ୍ କନିଙ୍ଗ୍‌ହାମ୍‌ଙ୍କ ମତରେ ଏଠାରେ ପ୍ରଚଳିତ ବର୍ଣ୍ଣମାଳା ଏହି ଭାରତ ମାଟିରେ ହିଁ ସୃଷ୍ଟି ହୋଇଥିଲା। ଏହାର ପ୍ରଥମ ଉଦ୍ଭାବକ ଥିଲେ ଦ୍ରାବିଡ଼ମାନେ। ଆର୍ଯ୍ୟମାନଙ୍କର ଆସିବା ପୂର୍ବରୁ ଭାରତରେ ସେମାନଙ୍କର ବସତି ଥିଲା ଓ ସେହିମାନେ ହିଁ ନିଜ ନିଜ ଭାଷାର ପ୍ରକାଶ ପାଇଁ ବର୍ଣ୍ଣମାଳାର ପ୍ରୟୋଗ କରୁଥିଲେ।

ଅଶୋକଙ୍କର ଆଗମନ ପୂର୍ବରୁ ବିକ୍ରମଖୋଲ, ଯୋଗୀମଠ, ଉଷାକୋଠି, ସୀତାକଞ୍ଜି, ମାଣିକମୁଣ୍ଡା ଇତ୍ୟାଦି ସ୍ଥାନରୁ ଯେଉଁ ଲିପିମାନ ଆବିଷ୍କୃତ ହୋଇଛି ତାହା ଥିଲା ଖ୍ରୀ.ପୂ. ୨୬୧ ବର୍ଷ ପୂର୍ବର। ଅଶୋକଙ୍କ ଶାସନ କାଳରେ ବ୍ରାହ୍ମୀଲିପିରେ ଧର୍ମାନୁଶାସନମାନ ଖୋଦନ କରାଯାଇଛି ଓ ସେ ସବୁର ଭାଷା ଥିଲା ପାଲି। ସମ୍ରାଟ ଅଶୋକଙ୍କର ଧଉଳି ପାହାଡ଼ରେ ଖୋଦିତ ପାଲି ଭାଷାର ଧର୍ମାନୁଶାସନ କେବଳ ତୋଷାଳି ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ। ତୋଷାଳି ସେତେବେଳେ କଳିଙ୍ଗ ସାମ୍ରାଜ୍ୟ ଅଧୀନରେ ଥିବାର କୌଣସି ତଥ୍ୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ମାତ୍ର ସର୍ବତ୍ର ପ୍ରଚାରିତ ଯେ ଧଉଳି ନିକଟରେ ଅଶୋକଙ୍କ କଳିଙ୍ଗଯୁଦ୍ଧ ହୋଇଥିଲା ଯାହାକି ସମ୍ପୂର୍ଣ୍ଣ ଅମୂଳକ। ଧଉଳିରେ ଥିବା ଏପରି ଧର୍ମାନୁଶାସନରୁ ଜଣାପଡ଼େ ଯେ ସେତେବେଳେ ବ୍ରାହ୍ମୀଲିପି ଓ ପାଲି ଭାଷା ସହିତ ତୋଷାଳି ଲୋକମାନଙ୍କର ବିଶେଷ ପରିଚୟ ଥିଲା। ସମ୍ଭବତଃ ଏହି ଭାଷାରେ ସେତେବେଳର ଜନସାଧାରଣ ବାର୍ତ୍ତାଳାପ କରୁଥିଲେ। ଧଉଳି ପାହାଡ଼ର ଅନତି ଦୂରରେ ଥିବା କପିଳେଶ୍ୱର ଗ୍ରାମରୁ ମିଳିଥିବା ଅଶୋକଙ୍କର ଅନ୍ୟ ଏକ ଶିଳାଲିପି ମଧ୍ୟ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ତାହା ଗୌତମବୁଦ୍ଧଙ୍କର ଜନ୍ମସ୍ଥାନ ଥିବାରୁ ଅଶୋକ ସେଠାର ପ୍ରଜାମାନଙ୍କ ଉପରେ ଦେବାକୁ ଥିବା ରାଜକୀୟ କର ଛାଡ଼ିଦେବାକୁ ଆଦେଶ ଦେଇଥିବାର ସେଥିରେ ଉଲ୍ଲେଖ ରହିଛି। ଏହି ଶିଳାଲିପିର ତଳେ ଲେଖକର ନାମ 'ଖରୋଷ୍ଟ୍ରିୟ' ଲିପିରେ ଲେଖା ଅଛି। ସେହି ଫଳକର ସ୍ଥିତି ଏବେ କେଉଁଠାରେ ତାହା ଜାଣିହୁଏ ନାହିଁ। ଖରୋଷ୍ଟ୍ରିୟ ଲିପି ବର୍ତ୍ତମାନର ପାକିସ୍ତାନ ଅନ୍ତର୍ଗତ ସିନ୍ଧୁପ୍ରଦେଶ ଅଞ୍ଚଳରେ ପ୍ରଚଳିତ। ସେହିଭଳି ଲିପିର ଅନ୍ୟ ଏକ ଫଳକ ଚିଲିକା କୂଳସ୍ଥ ମାଣିକପାଟଣାରୁ ମିଳିଛି। ଚିଲିକାର ଏହି ମାଣିକପାଟଣା ଦିନେ ଥିଲା ଏକ ପୋତାଶ୍ରୟ। ସମ୍ଭବତଃ ସେତେବେଳେ ନୌବାଣିଜ୍ୟ କାରବାର ପ୍ରଚଳିତ ଥିବାରୁ ଏପରି ଲିପି ବ୍ୟବସାୟିକ ଆଦାନ ପ୍ରଦାନ ଛଳରେ ବା ଅନ୍ୟ କୌଣସି କାରଣରୁ ସେଠାରୁ ମିଳିପାରିଛି। ଧଉଳି ପାହାଡ଼ର ନାମ କ'ଣ ଥିଲା ତାହା ସେଠାର ଶିଳାଲିପିରେ ଦେଖାଯାଏ ନାହିଁ ଯାହାକି କୌଣସି କାରଣରୁ ଲିଭିଯାଇଛି। ମାତ୍ର ଧବଳ ନାମରୁ ତାହା ଧଉଳ ଓ ଶେଷରେ ଧଉଳି ନାମକୁ ଆସିଥିବାର ନିର୍ଦ୍ଦିଷ୍ଟ ଭାବରେ କୁହାଯାଇପାରେ। ସ୍ୱର୍ଗତ ଐତିହାସିକ କେଦାରନାଥ ମହାପାତ୍ରଙ୍କ ରଚିତ ଧଉଳି ପୁସ୍ତକରେ ତୋଷାଳି ଶବ୍ଦ କ୍ରମଶଃ ଧଉଳିରେ ପରିଣତ ହୋଇଥିବାର ଆଲୋଚନା ଦେଖିବାକୁ ମିଳେ। ସେଥିରେ ଉଲ୍ଲେଖ ଅଛି ଯେ ମହାମହୋପାଧ୍ୟାୟ ହର ପ୍ରସାଦ ଶାସ୍ତ୍ରୀ ତୋଷାଳି ଶବ୍ଦ କାଳକ୍ରମେ ତୋହଳି, ଦୋହଳି ଓ ଧଉଳିକୁ ପରିବର୍ତ୍ତିତ ହୋଇଥିବାର ମତ ଦେଇଥାନ୍ତି। ପୁଣି ପ୍ରାକୃତ ଭାଷାବିତ୍ ପିସେଲ (Pischel)ଙ୍କ ମତ ଯେ 'ସ' କ୍ରମେ 'ହ'କୁ ପରିବର୍ତ୍ତିତ ହୋଇଛି। ମାତ୍ର ଏ ସମ୍ପର୍କରେ ନିମ୍ନୋକ୍ତ ଆଲୋଚନାରୁ ଜାଣିହୁଏ।

ଇଣ୍ଡୋ ଆର୍‌ଜନ୍ ଭାଷାରେ ଧବଳର ଅର୍ଥଗତ ଉତ୍ପତ୍ତି ହେଲା ଆକର୍ଷଣୀୟ ଧଳା (ଚିକ୍‌ଚିକ୍ କରୁଥିବା ଧଳା)। ଭାରତର ବିଭିନ୍ନ ପ୍ରାନ୍ତରରେ ଏହି ଧବଳ ଶବ୍ଦ ନିମ୍ନୋକ୍ତ ପ୍ରକାରରେ ବ୍ୟବହାର ହୋଇଥାଏ।

| ଭାଷା | ବ୍ୟବହାର | ଅର୍ଥ |
|---|---|---|
| ପାଲି | ଧବଳ | ଧଳା |
| ପର୍କୀତ | ଧବଳ | ଧଳା |
| ସିନ୍ଧି | ଧାଉରୋ | ଧଳାସିଆ |
| ଲହଣ୍ଡା | ଧୋଳା | ଧଳାସିଆ |
| ପଞ୍ଜାବୀ | ଧଉଳ | ଧଳା |
| ପଶ୍ଚିମ ପାହାଡ଼ୀ | ଧଉଳ | ଧଳା |
| କୁମାୟିନ୍ | ଧଉଲୋ | ଧଳା |
| ଆସାମୀ | ଧଳା | ଧଳା |
| ବେଙ୍ଗଲି | ଧଳା | ଧଳା |
| ଓଡ଼ିଆ | ଧଉଳ, ଧଳା | ଧଳା |
| ବିହାରୀ | ଧୌର | ଧଳା / ଅଳ୍ପ ପାଉଁଶିଆ |
| ପୁରୁଣା ଅବଧି | ଧଉର | ଧଳା |
| ହିନ୍ଦୀ | ଧଉଳ, ଧୌରା / ଧୋରାଧଳା | |
| ପୁରୁଣା ଗୁଜୁରାଟୀ | ଧଉଳଉ | ଧଳା |
| ଗୁରୁରାଟୀ | ଧଉଳୁ | ଧଳା |
| ମରାଠୀ | ଧବଳ, ଧବଳା | ଧଳା |
| ସିଂହଳୀ | ଡବାଲୁ | ଧଳା |

ଏଥିରୁ ସହଜରେ ଅନୁମିତ ଯେ ଧଉଳର ବ୍ୟବହାର କେବଳ ଧବଳକୁ ହିଁ ବୁଝାଯାଇଥାଏ ଓ ଶେଷରେ ଧଉଳ ଶବ୍ଦରୁ ଧଉଳି ଅପଭ୍ରଂଶ ହୋଇଛି। ତେଣୁ ଅଶୋକଙ୍କ ଶିଳାଲେଖରେ ଲିଭି ଯାଇଥିବା ନାମ ନିଶ୍ଚିତ ଭାବରେ ଧଉଳି ଥିବାର କୁହାଯାଇପାରେ। ବୌଦ୍ଧ ଧର୍ମାବଲମ୍ବୀମାନେ ଧଳାକୁ ସେମାନଙ୍କର ଅତି ପବିତ୍ର ସଙ୍କେତ ଭାବରେ ମାନିଥାନ୍ତି। ବୌଦ୍ଧ କଳାରେ ଦୁଇଟି ହାତୀ ଭୂମିଲକ୍ଷ୍ମୀଙ୍କୁ ଶୁଣ୍ଢରେ ପାଣି ବର୍ଷା କରି ଗାଧୋଇ ଦେଉଥିବାର ଦୃଶ୍ୟ ମନ୍ଦିର ଗାତ୍ରମାନଙ୍କରେ ଦେଖାଯାଏ। ସେହିଭଳି ଚିତ୍ର ମଧ୍ୟ ହିନ୍ଦୁ ସଂସ୍କୃତିର ଗଢ଼ାଯାଇଥିବା ମନ୍ଦିରମାନଙ୍କରେ ରହିଛି। ବୁଦ୍ଧଦେବଙ୍କ ଜନ୍ମ ବୃତ୍ତାନ୍ତ ଥିବା ଜାତକ ଗଳ୍ପମାନଙ୍କରେ ଅଛି ଯେ ତାଙ୍କ ମାତା ମାୟାଦେବୀ ଶୋଇଥିବାବେଳେ ସ୍ୱପ୍ନରେ ଦେଖିଲେ ଯେ ୬ଟି ଶୁଣ୍ଢ ଥିବା ଏକ ବିଶାଳକାୟ ଚିକ୍କଣ ଧଳା ବର୍ଣ୍ଣର ହାତୀ ତାଙ୍କର ଦେହରେ ପଶିଯାଉଛି। ଏହାପରେ ଗୌତମବୁଦ୍ଧ ମାତୃଗର୍ଭକୁ ଆସିଥିଲେ। ସେଥିପାଇଁ ବୌଦ୍ଧମାନେ ଧଳା ହାତୀକୁ ଅତି ପବିତ୍ର ବୋଲି ମାନି ନେଇଥାନ୍ତି। ଏ ସମ୍ପର୍କରେ ଏଠାରେ ଏକ ଉଦାହରଣ ଦିଆଯାଇପାରେ। ବୌଦ୍ଧଦେଶ ଥାଇଲାଣ୍ଡର ପୂର୍ବନାମ ଥିଲା ଶ୍ୟାମ ଯାହାର ଅର୍ଥ ହେଲା ଧଳାହାତୀଙ୍କ ଦେଶ। ସେମାନଙ୍କର ରାଜକୀୟ ପତାକାରେ ବୌଦ୍ଧଧର୍ମର ପ୍ରତୀକ ଧଳାହାତୀର ଚିହ୍ନ ରହିଛି। ସେହିଭଳି ସମସ୍ତ ବୌଦ୍ଧସ୍ତୂପ ଦେଖିବାକୁ ମଧ୍ୟ ଧଳା ରଙ୍ଗର।

# ସୁଭଦ୍ରାର ଦୁଇ ବର୍ଷ: ଜଣେ ମହିଳାଙ୍କ ହାତରେ ଟଙ୍କା ନୁହେଁ, ଆତ୍ମବିଶ୍ୱାସର ଆଲୋକ (୨)



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏହି ଯାତ୍ରାକୁ ଦ୍ରୁତ କରିବା ହେଉଛି ଆଗାମୀ ଦିନର ମୁଖ୍ୟ ଦାୟିତ୍ୱ। ଆଜି ଯଦି ଆମେ ସୁଭଦ୍ରାର ଦୁଇ ବର୍ଷ ପରେ ପଛକୁ ଦେଖୁ, ତେବେ ଏକ ପଟେ ରହିଛି ବଡ଼ ପରିମାଣର ଆର୍ଥିକ ପ୍ରବାହ, ଅନ୍ୟ ପଟେ ରହିଛି ଲକ୍ଷ ଲକ୍ଷ ପରିବାରର ଦୈନନ୍ଦିନ ଜୀବନ। ଏହି ଦୁଇଟିକୁ ଯୋଡ଼ିବା ହିଁ ସତ୍ୟ ନୀତିମୂଲ୍ୟାୟନ। ଏକ ମହିଳାଙ୍କ ହାତରେ ପାଞ୍ଚ ହଜାର ଟଙ୍କା ଯାଇଥିବା ଖବର ହୋଇପାରେ; କିନ୍ତୁ ସେହି ପାଞ୍ଚ ହଜାରରୁ ତାଙ୍କ ଘରେ ଆସିଥିବା ଏକ ଛୋଟ ହସ ଖବରର ଶୀର୍ଷକ ହୋଇନପାରେ। ତଥାପି ନୀତିର ମୂଳ ମୂଲ୍ୟ ସେହି ହସରେ ଲୁଚିଥାଇପାରେ। ଜଣେ ମା' ନିଜ ପୁଅକୁ ଔଷଧ କିଣିଦେଇପାରିଲେ, ଜଣେ ଝିଅର ଶିକ୍ଷା ବନ୍ଦ ହେଲା ନାହିଁ, ଜଣେ ଗୃହିଣୀ ଛୋଟ ଦୋକାନ ପାଇଁ ପ୍ରଥମ ସାମଗ୍ରୀ କିଣିପାରିଲେ, ଜଣେ ବିଧବା ନିଜ ଖର୍ଚ୍ଚ ପାଇଁ ଅନ୍ୟଙ୍କ ସମ୍ମୁଖରେ ହାତ ପସାରିବାର ଆବଶ୍ୟକତା କମିଲା—ଏହି ସବୁ ହେଉଛି ଯୋଜନାର ମାନବୀୟ ମୁହାଁ। କିନ୍ତୁ ସେହି ସହିତ ଆମେ ଏହା ମଧ୍ୟ ପଚାରିବା ଦରକାର—ଏହି ସହାୟତା ଦୀର୍ଘମିଆଦିରେ ମହିଳାଙ୍କ ଆୟକୁ ବଢ଼ାଇଛି କି? ତାଙ୍କ ନିଷ୍ପତ୍ତି କ୍ଷମତାକୁ ବଢ଼ାଇଛି କି? ସଞ୍ଚୟ ବଢ଼ିଛି କି? ଋଣର ଚାପ କମିଛି କି? ପରିବାରର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ ହୋଇଛି କି? ମହିଳାଙ୍କ ନିଜ ନାମରେ ଆର୍ଥିକ ସମ୍ପତ୍ତି ବଢ଼ିଛି କି? ଏହି ସବୁ ପ୍ରଶ୍ନର ତଥ୍ୟାଧାରିତ ଉତ୍ତର ଭବିଷ୍ୟତରେ ସୁଭଦ୍ରାର ପ୍ରଭାବ ବୁଝିବାରେ ଆହୁରି ସାହାଯ୍ୟ କରିବ। ଏଠାରେ ଏକ ସ୍ୱଚ୍ଛ ମୂଲ୍ୟାୟନ ବ୍ୟବସ୍ଥା ଦରକାର। ଲୋକଙ୍କ ଟଙ୍କାରେ ଚାଲୁଥିବା ବଡ଼ ଯୋଜନାରେ ପ୍ରଶଂସା ଯେତିକି ଦରକାର, ପାରଦର୍ଶିତା ମଧ୍ୟ ସେତିକି ଦରକାର। ତଥ୍ୟ ସାର୍ବଜନୀନ ହେବା ଦରକାର। ଲାଭାର୍ଥୀଙ୍କ ଅଭିଜ୍ଞତା ଶୁଣାଯିବା ଦରକାର। ସ୍ୱାଧୀନ ଅଧ୍ୟୟନକୁ ଉତ୍ସାହିତ କରାଯିବା ଦରକାର। କେଉଁଠି ଭଲ ଫଳ ମିଳୁଛି, କେଉଁଠି ଅସୁବିଧା ରହିଛି, କେଉଁଠି ସୁଧାର ଦରକାର—ସବୁକିଛି ସ୍ପଷ୍ଟ ଭାବେ ଆସିବା ଦରକାର। ଏହି ପାରଦର୍ଶିତା ଯୋଜନାର ଆସ୍ଥାକୁ ଆହୁରି ବଢ଼ାଇବ। ସୁଭଦ୍ରାର ନାମ ନିଜେ ଓଡ଼ିଶାର ସାଂସ୍କୃତିକ ମନୋଭାବ ସହିତ ଜଡ଼ିତ। କିନ୍ତୁ ଏକ ନାମକୁ କେବଳ ପ୍ରତୀକରେ ରଖିଦେଲେ ହେବ ନାହିଁ। ସେହି ନାମର ଅର୍ଥ ଯଦି ମହିଳାଙ୍କ ସମ୍ମାନ, ଆତ୍ମବିଶ୍ୱାସ, ସାହସ ଓ ସ୍ୱାଧୀନତା ସହିତ ଯୋଡ଼ିଯାଏ, ତେବେ ଏହାର ସାମାଜିକ ଅର୍ଥ ଆହୁରି ଗଭୀର ହେବ। ଆମ ସମାଜରେ ଦେବୀଙ୍କୁ ପୂଜା କରିବା ସହଜ; କିନ୍ତୁ ଜୀବନ୍ତ ମହିଳାଙ୍କୁ ସମ୍ମାନ, ନିଷ୍ପତ୍ତିର ଅଧିକାର ଓ ଆର୍ଥିକ ସ୍ୱାଧୀନତା ଦେବା ହେଉଛି ପ୍ରକୃତ ପରୀକ୍ଷା। ଘରର ମହିଳାଙ୍କୁ କେବଳ ଦାୟିତ୍ୱର ମଣିଷ ଭାବେ ନୁହେଁ, ଅର୍ଥନୀତିର ସହଭାଗୀ ଭାବେ ଦେଖିବାର ମନୋଭାବ ଗଢ଼ିଉଠିଲେ ସୁଭଦ୍ରାର ସାମାଜିକ ଉଦ୍ଦେଶ୍ୟ ଆହୁରି ଦୃଢ଼ ହେବ। ମହିଳାଙ୍କ ହାତରେ ଟଙ୍କା ଆସିଲା ବୋଲି ପରିବାରର ପୁରୁଷ ସଦସ୍ୟଙ୍କ ଭୂମିକା କମିଯାଏ ନାହିଁ; ବରଂ ପରିବାରର ଅର୍ଥନୀତି ଆହୁରି ସହଭାଗୀମୂଳକ ହୋଇପାରେ। ପରିବାରର ସମସ୍ତ ସଦସ୍ୟ ଯଦି ଆର୍ଥିକ ଯୋଜନାରେ ଅଂଶ ନିଅନ୍ତି, ତେବେ ସଞ୍ଚୟ ଓ ନିବେଶର ଅଭ୍ୟାସ ମଧ୍ୟ ବଢ଼ିପାରେ। ତେଣୁ ସୁଭଦ୍ରାର ପ୍ରଭାବ କେବଳ ମହିଳାଙ୍କ ମଧ୍ୟରେ ନୁହେଁ, ପାରିବାରିକ ଅର୍ଥନୀତିରେ ମଧ୍ୟ ଦେଖିବା ଦରକାର। ଆଜି ଯେତେବେଳେ ଡିଜିଟାଲ ଠକେଇ ବଢ଼ୁଛି, ମହିଳାଙ୍କୁ ଡିଜିଟାଲ ସୁରକ୍ଷା ଶିଖାଇବା ମଧ୍ୟ ଏହି ଯାତ୍ରାର ଅଂଶ। ନିଜ ଗୁପ୍ତ ସଂକେତ କାହାକୁ ନଦେବା, ଅଜଣା ଫୋନ କିମ୍ବା ସନ୍ଦେଶରେ ବ୍ୟାଙ୍କ ସୂଚନା ନଦେବା, ଭୁଲ ଲିଙ୍କରେ ନଯିବା, ନିଜ ଖାତାର ଲେନଦେନ ନିୟମିତ ଯାଞ୍ଚ କରିବା—ଏହି ଛୋଟ ଛୋଟ ସଚେତନତା ମଧ୍ୟ ଆର୍ଥିକ ସଶକ୍ତିକରଣର ଅଂଶ। କାରଣ ଅର୍ଥନୈତିକ ସ୍ୱାଧୀନତା ସହିତ ଆର୍ଥିକ ସୁରକ୍ଷା ମଧ୍ୟ ଦରକାର। ଜଣେ ମହିଳା ନିଜ ଖାତାର ଟଙ୍କା ସମ୍ପର୍କରେ ଅବଗତ ହେଲେ ମାତ୍ର ତାହା ପୂର୍ଣ୍ଣ ସଶକ୍ତିକରଣ ନୁହେଁ; ସେ ଟଙ୍କାକୁ ନିରାପଦ ଭାବରେ ବ୍ୟବହାର କରିବା ମଧ୍ୟ ଜାଣିବା ଦରକାର। ଏହି କାରଣରୁ ସୁଭଦ୍ରାର ଦ୍ୱିତୀୟ ବର୍ଷ ପରବର୍ତ୍ତୀ ଅଧ୍ୟାୟରେ ଆର୍ଥିକ ସାକ୍ଷରତାକୁ ଅଧିକ ଗୁରୁତ୍ୱ ଦେବାର ଅବକାଶ ରହିଛି। ଏକ ବଡ଼ ଯୋଜନା ଯେତେବେଳେ ଏକ କୋଟିରୁ ଅଧିକ ମହିଳାଙ୍କୁ ସ୍ପର୍ଶ କରେ, ସେତେବେଳେ ତାହା ଏକ ସାମାଜିକ ଆନ୍ଦୋଳନର ଆକାର ନେବାର ସମ୍ଭାବନା ରଖେ; କିନ୍ତୁ ଏହା ତେବେ ହିଁ ସମ୍ଭବ ଯେତେବେଳେ ଲାଭାର୍ଥୀ ମହିଳାମାନେ ନିଜେ ଏହାକୁ ନିଜ ଉନ୍ନତିର ଏକ ସାଧନରେ ପରିଣତ କରିବେ। ସରକାର ଦ୍ୱାର ଖୋଲିପାରେ; ଚାଲିବାକୁ ହେବ ମହିଳାଙ୍କୁ। ସରକାର ସହାୟତା ଦେଇପାରେ; ସୁଯୋଗକୁ ସ୍ଥାୟୀ କରିବାକୁ ହେବ ସମାଜକୁ। ସରକାର ବ୍ୟବସ୍ଥା କରିପାରେ; ସେହି ବ୍ୟବସ୍ଥାର ଫଳକୁ ଜୀବନରେ ପରିଣତ କରିବାକୁ ହେବ ପରିବାର ଓ ମହିଳାଙ୍କୁ। ଏହି ସହଭାଗୀତା ହେଉଛି ଦୀର୍ଘସ୍ଥାୟୀ ସଶକ୍ତିକରଣର ଭିତ୍ତି। ସୁଭଦ୍ରାର ଦୁଇ ବର୍ଷର ସବୁଠାରୁ ବଡ଼ ଶିକ୍ଷା ଏହା ହୋଇପାରେ ଯେ ମହିଳାଙ୍କ ଉନ୍ନତିକୁ କେବଳ ମହିଳାଙ୍କ ବିଷୟ ଭାବେ ଦେଖିଲେ ଚାଲିବ ନାହିଁ। ଏହା ପରିବାରର ବିଷୟ, ଗାଁର ବିଷୟ, ସହରର ବିଷୟ, ଅର୍ଥନୀତିର ବିଷୟ ଏବଂ ଶେଷରେ ଓଡ଼ିଶାର ବିକାଶର ବିଷୟ। ଯେଉଁ ରାଜ୍ୟର ଅର୍ଦ୍ଧାଧିକ ଜନସଂଖ୍ୟା ମହିଳା, ସେହି ରାଜ୍ୟର ଆର୍ଥିକ ବିକାଶ ମହିଳାଙ୍କ ସମ୍ପୂର୍ଣ୍ଣ ଅଂଶଗ୍ରହଣ ବିନା ସମ୍ଭବ ନୁହେଁ। ତେଣୁ ସୁଭଦ୍ରା ଯଦି ମହିଳାଙ୍କ ହାତରେ ଅଳ୍ପ ଅର୍ଥନୈତିକ ସ୍ୱାଧୀନତା ଦେଉଛି, ତେବେ ପରବର୍ତ୍ତୀ ପଦକ୍ଷେପ ହେବ ସେହି ସ୍ୱାଧୀନତାକୁ ଉତ୍ପାଦନ, ଉଦ୍ୟମ ଓ ନିଯୁକ୍ତିରେ ପରିଣତ କରିବା। ଏହି ଯାତ୍ରାରେ ଶିକ୍ଷିତ ଯୁବତୀ, ଗ୍ରାମୀଣ ମହିଳା, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ଛୋଟ ଉଦ୍ୟୋଗୀ ଓ ଘରୋଇ କାରିଗର—ସମସ୍ତଙ୍କ ପାଇଁ ଭିନ୍ନ ସୁଯୋଗ ଦରକାର। ଯୁବତୀଙ୍କ ପାଇଁ ଦକ୍ଷତା ଓ ଉଦ୍ୟମ, ଗ୍ରାମୀଣ ମହିଳାଙ୍କ ପାଇଁ ସ୍ଥାନୀୟ ଉତ୍ପାଦ ଓ ବଜାର, କାରିଗରଙ୍କ ପାଇଁ ଗୁଣମାନ ଓ ବିକ୍ରୟ, ଛୋଟ ଉଦ୍ୟୋଗୀଙ୍କ ପାଇଁ ଋଣ ଓ ପରାମର୍ଶ—ଏହି ସମଗ୍ର ପରିବେଶ ତିଆରି ହେଲେ ସୁଭଦ୍ରାର ପ୍ରଭାବ ଆହୁରି ଦୀର୍ଘସ୍ଥାୟୀ ହୋଇପାରେ। ଏହା ସହିତ ମହିଳାଙ୍କ ସୁରକ୍ଷାର ପ୍ରଶ୍ନକୁ ମଧ୍ୟ ଭୁଲିହେବ ନାହିଁ। ଆର୍ଥିକ ସ୍ୱାଧୀନତା ଓ ସାମାଜିକ ସୁରକ୍ଷା ଏକାଠି ଚାଲିବା ଦରକାର। ଯଦି ଜଣେ ମହିଳାଙ୍କ ହାତରେ ଟଙ୍କା ଅଛି, କିନ୍ତୁ ସେ ନିଜ ନିଷ୍ପତ୍ତି ନେବାର ସୁଯୋଗ ପାଉନାହାନ୍ତି, ତେବେ ସଶକ୍ତିକରଣ ଅଧୁରା। ଯଦି ସେ ଆର୍ଥିକ ଭାବେ ସ୍ୱାଧୀନ, କିନ୍ତୁ ନିରାପଦ ପରିବେଶ ନାହିଁ, ତେବେ ସଶକ୍ତିକରଣ ଅଧୁରା। ଯଦି ସେ ଆୟ କରୁଛନ୍ତି, କିନ୍ତୁ ସମ୍ପତ୍ତିରେ ଅଧିକାର ନାହିଁ, ତେବେ ସଶକ୍ତିକରଣ ଅଧୁରା। ତେଣୁ ସୁଭଦ୍ରାର ଆଗାମୀ ଯାତ୍ରାକୁ ମହିଳାଙ୍କ ସମଗ୍ର ଅଧିକାର ସହିତ ଯୋଡ଼ିବା ଆବଶ୍ୟକ। ଆଜି ଦୁଇ ବର୍ଷ ପରେ ଏକ ସରଳ ପ୍ରଶ୍ନ ପଚାରାଯାଇପାରେ—"ସୁଭଦ୍ରା କ'ଣ ଦେଲା?" କିନ୍ତୁ ଆହୁରି ଗଭୀର ପ୍ରଶ୍ନ ହେଉଛି—"ସୁଭଦ୍ରା ପାଇଥିବା ମହିଳା କାଲି କ'ଣ କରିପାରିବେ?" ପ୍ରଥମ ପ୍ରଶ୍ନର ଉତ୍ତର ଟଙ୍କାରେ ମିଳିପାରେ। ଦ୍ୱିତୀୟ ପ୍ରଶ୍ନର ଉତ୍ତର ମିଳିବ ସୁଯୋଗରେ। ଏହି ଦୁଇଟିକୁ ଏକାଠି କରିବା ହିଁ ଆଗାମୀ ଲକ୍ଷ୍ୟ। ଯେତେବେଳେ ଜଣେ ମହିଳା ନିଜ ନାମରେ ଟଙ୍କା ପାଇବେ, ସେହି ଟଙ୍କାରେ ଦକ୍ଷତା ଅର୍ଜନ କରିବେ, ଦକ୍ଷତାରେ ଆୟ କରିବେ, ଆୟରୁ ସଞ୍ଚୟ କରିବେ, ସଞ୍ଚୟରୁ ସମ୍ପତ୍ତି ତିଆରି କରିବେ, ସମ୍ପତ୍ତିରୁ ପରିବାରକୁ ସୁରକ୍ଷା ଦେବେ, ଏବଂ ନିଜ ଝିଅକୁ ଆହୁରି ବଡ଼ ସ୍ୱପ୍ନ ଦେଖିବାକୁ କହିବେ—ସେତେବେଳେ ଏକ ସରକାରୀ ଯୋଜନା ଏକ ପିଢ଼ିର ପରିବର୍ତ୍ତନରେ ପରିଣତ ହୋଇପାରେ। ଏହି ସମ୍ଭାବନାକୁ ଦେଖିବା ଦରକାର। ଏହି କାରଣରୁ ସୁଭଦ୍ରାର ଦୁଇ ବର୍ଷକୁ କେବଳ ଉତ୍ସବର ଦିନ ଭାବେ ଦେଖିବା ଠିକ୍ ହେବ ନାହିଁ। ଏହା ଆତ୍ମପର୍ଯ୍ୟାଲୋଚନାର ଦିନ ମଧ୍ୟ। ଯେତେ ମହିଳାଙ୍କ ପାଖକୁ ସହାୟତା ପହଞ୍ଚିଛି, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଜୀବନରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆସିଛି—ଏହା ଜାଣିବା ଆବଶ୍ୟକ। ଯେଉଁମାନେ ଭଲ ଫଳ ପାଇଛନ୍ତି, ସେମାନଙ୍କ ଅଭିଜ୍ଞତାକୁ ଅନ୍ୟମାନଙ୍କ ପାଇଁ ମଡେଲ ଭାବେ ଦେଖାଯାଇପାରେ। ଯେଉଁମାନେ ସମସ୍ୟାରେ ଅଛନ୍ତି, ସେମାନଙ୍କ ପାଇଁ ନୂଆ ସହାୟତାର ପଥ ଖୋଲାଯାଇପାରେ। ଏହିପରି ଭାବରେ ଯୋଜନା ନିଜକୁ ନିଜେ ସୁଧାରିପାରେ। ଏକ ଭଲ ଲୋକକଲ୍ୟାଣ ନୀତିର ଲକ୍ଷଣ ହେଉଛି—ସେ ନିଜର ଅନୁଭବରୁ ଶିଖେ। ତେଣୁ ସୁଭଦ୍ରାର ଦୁଇ ବର୍ଷର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆଗାମୀ ଦୁଇ ବର୍ଷକୁ କିପରି ଆହୁରି ଭଲ କରାଯିବ। ଏହି ପ୍ରଶ୍ନର ଉତ୍ତର ନିର୍ଭର କରିବ ତଥ୍ୟ, ମୂଲ୍ୟାୟନ, ପାରଦର୍ଶିତା, ନାଗରିକ ଅଭିଜ୍ଞତା ଓ ନୀତିର ସୁଧାର ଉପରେ। ମହିଳାଙ୍କ ଜୀବନକୁ କେନ୍ଦ୍ରରେ ରଖି ଯୋଜନା ଆଗକୁ ବଢ଼ିଲେ ଏହାର ଅର୍ଥ ଆହୁରି ବଡ଼ ହେବ। ଆମେ ଚାହୁଁ ଯେ ଜଣେ ମହିଳା ନିଜ ଖାତାକୁ ଦେଖି କେବଳ ଟଙ୍କାର ଅଙ୍କ ନଦେଖନ୍ତୁ; ସେ ନିଜ ଭବିଷ୍ୟତର ଏକ ସମ୍ଭାବନା ଦେଖନ୍ତୁ। ଆମେ ଚାହୁଁ ଯେ ଜଣେ ମା' ନିଜ ଝିଅକୁ କେବଳ ଘର ସମ୍ଭାଳିବା ନୁହେଁ, ନିଜ ପାଦରେ ଠିଆ ହେବା ଶିଖାନ୍ତୁ। ଆମେ ଚାହୁଁ ଯେ ଜଣେ ଗ୍ରାମୀଣ ମହିଳା ନିଜ ହାତର କାମକୁ ବଜାର ସହିତ ଯୋଡ଼ିପାରନ୍ତୁ। ଆମେ ଚାହୁଁ ଯେ ଜଣେ ଯୁବତୀ ନିଜ ଦକ୍ଷତାକୁ ଚାକିରି କିମ୍ବା ଉଦ୍ୟମରେ ପରିଣତ କରନ୍ତୁ। ଆମେ ଚାହୁଁ ଯେ ଜଣେ ବୃଦ୍ଧା ମହିଳା ନିଜ ଆବଶ୍ୟକତା ପାଇଁ ସମ୍ମାନର ସହିତ ନିଜ ଟଙ୍କା ବ୍ୟବହାର କରିପାରନ୍ତୁ। ଆମେ ଚାହୁଁ ଯେ ମହିଳାଙ୍କ ଆର୍ଥିକ ପରିଚୟ ତାଙ୍କ ସାମାଜିକ ପରିଚୟକୁ ଆହୁରି ଦୃଢ଼ କରୁ। ଏହି ସବୁ ସ୍ୱପ୍ନ ପୂରଣର ପଥ ଦୀର୍ଘ। କୌଣସି ଏକ ଯୋଜନା ଏହାକୁ ଏକାକୀ ପୂରଣ କରିପାରିବ ନାହିଁ। କିନ୍ତୁ ଏକ ଯୋଜନା ଏକ ଦ୍ୱାର ଖୋଲିପାରେ। ସେହି ଦ୍ୱାର ଦେଇ ମହିଳାମାନେ ଆଗକୁ ଯିବାର ସୁଯୋଗ ପାଇପାରନ୍ତି। ଏହି ଦୁଇ ବର୍ଷରେ ଯଦି ସେହି ଦ୍ୱାର ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଆର୍ଥିକ ଆଲୋକର ଏକ ଛୋଟ ଜାଣ୍ଲି ଖୋଲିଥାଏ, ତେବେ ପରବର୍ତ୍ତୀ ଲକ୍ଷ୍ୟ ହେବ ସେହି ଜାଣ୍ଲିକୁ ଏକ ବଡ଼ ଦ୍ୱାରରେ ପରିଣତ କରିବା। ସୁଭଦ୍ରାର ସତ୍ୟ ସଫଳତା ସେତେବେଳେ ହେବ, ଯେତେବେଳେ ଜଣେ ମହିଳା କହିବେ—"ମୁଁ କାହାର ଭରସାରେ ନୁହେଁ, ମୁଁ ନିଜ ଶକ୍ତିରେ ମଧ୍ୟ ଠିଆ ହୋଇପାରିବି।" ସେହି ବାକ୍ୟରେ ରହିବ ସୁଭଦ୍ରାର ସବୁଠାରୁ ବଡ଼ ଅର୍ଥ। ସେହି ବାକ୍ୟରେ ରହିବ ଆର୍ଥିକ ସଶକ୍ତିକରଣର ସତ୍ୟ ମାନ। ସେହି ବାକ୍ୟରେ ରହିବ ଏକ ପରିବାରର ଆତ୍ମବିଶ୍ୱାସ, ଏକ ଝିଅର ଭବିଷ୍ୟତ, ଏକ ମା'ର ଆଶା ଏବଂ ଏକ ରାଜ୍ୟର ବିକାଶର ସମ୍ଭାବନା। ତେଣୁ ସୁଭଦ୍ରାର ଦୁଇ ବର୍ଷରେ ଆମେ କେବଳ କେତେ ଟଙ୍କା ଦିଆଗଲା ତାହା ନଗଣି, କେତେ ଜୀବନରେ ଆତ୍ମବିଶ୍ୱାସର ଦୀପ ଜଳିଲା ତାହା ଖୋଜିବା ଦରକାର। କେତେ ମହିଳା ନିଜ ନାମରେ ସଞ୍ଚୟ ଆରମ୍ଭ କଲେ, କେତେଜଣ ନୂଆ କାମ ଶିଖିଲେ, କେତେଜଣ ନିଜ ଉତ୍ପାଦ ବିକ୍ରି କଲେ, କେତେଜଣ ପରିବାରର ଆର୍ଥିକ ନିଷ୍ପତ୍ତିରେ ନିଜ ସ୍ୱରକୁ ଦୃଢ଼ କଲେ, କେତେ ଝିଅ ନିଜ ମା'ଙ୍କୁ ଦେଖି ନିଜ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ ଦେଖିଲେ—ଏହି ସବୁ ହେଉଛି ସୁଭଦ୍ରାର ଅଦୃଶ୍ୟ କିନ୍ତୁ ମୂଲ୍ୟବାନ ଫଳ। ଆଜି ଯଦି ଜଣେ ମହିଳାଙ୍କ ହାତରେ ଆସିଥିବା ଟଙ୍କା ତାଙ୍କ ଆଖିରେ ଆଗାମୀକାଲିର ଆଶା ଜଳାଇଛି, ତେବେ ସେହି ଟଙ୍କା କେବଳ ଟଙ୍କା ନୁହେଁ; ଏହା ଏକ ସମ୍ଭାବନା। ଯଦି ସେହି ସମ୍ଭାବନାକୁ ଦକ୍ଷତା, ଶିକ୍ଷା, ବଜାର, ଉଦ୍ୟମ ଓ ସାମାଜିକ ସମ୍ମାନ ସହିତ ଯୋଡ଼ିପାରିବା, ତେବେ ଏହା ଏକ ବଡ଼ ପରିବର୍ତ୍ତନର ମୂଳ ହୋଇପାରେ। ଦୁଇ ବର୍ଷ ହେଉଛି ଏକ ଯାତ୍ରାର ଆରମ୍ଭ, ଶେଷ ନୁହେଁ। ଆଗାମୀ ବର୍ଷଗୁଡ଼ିକ ନିର୍ଣ୍ଣୟ କରିବ ସୁଭଦ୍ରା କେବଳ ଏକ ବଡ଼ ଆର୍ଥିକ ସହାୟତା ଯୋଜନା ଭାବେ ରହିବ କି, ନା ଓଡ଼ିଶାର ମହିଳାଙ୍କ ଆର୍ଥିକ ସ୍ୱାଧୀନତାର ଏକ ଦୀର୍ଘସ୍ଥାୟୀ ଭିତ୍ତି ଭାବେ ନିଜକୁ ପ୍ରମାଣ କରିବ। ଏହି ପରୀକ୍ଷାରେ ସରକାରର ଦାୟିତ୍ୱ ଅଛି, ପ୍ରଶାସନର ଦାୟିତ୍ୱ ଅଛି, ସମାଜର ଦାୟିତ୍ୱ ଅଛି, ଏବଂ ସବୁଠାରୁ ବଡ଼ କଥା—ମହିଳାଙ୍କ ସ୍ୱପ୍ନକୁ ସମ୍ମାନ କରିବାର ଆମ ସାମୂହିକ ମନୋଭାବର ଦାୟିତ୍ୱ ଅଛି। ଆଜି ସୁଭଦ୍ରାର ଦୁଇ ବର୍ଷରେ ଯଦି ଆମେ ଏକ କଥାକୁ ମନେ ରଖିପାରୁ, ତେବେ ସେହି କଥା ହେଉଛି—ମହିଳାଙ୍କୁ ସହାୟତା ଦେବା ଭଲ, କିନ୍ତୁ ତାଙ୍କୁ ନିଜ ପାଦରେ ଠିଆ ହେବାର ସୁଯୋଗ ଦେବା ତାଠାରୁ ବଡ଼। ତାଙ୍କ ହାତକୁ ଟଙ୍କା ପହଞ୍ଚାଇବା ଆବଶ୍ୟକ, କିନ୍ତୁ ତାଙ୍କ ମନରେ ଆତ୍ମବିଶ୍ୱାସ ପହଞ୍ଚାଇବା ତାଠାରୁ ଅଧିକ ଆବଶ୍ୟକ। ତାଙ୍କ ଖାତାରେ ଅଙ୍କ ବଢ଼ିବା ଭଲ, କିନ୍ତୁ ତାଙ୍କ ଜୀବନରେ ବିକଳ୍ପ ବଢ଼ିବା ତାଠାରୁ ବଡ଼। ଏବଂ ଯେଦିନ ଓଡ଼ିଶାର ପ୍ରତ୍ୟେକ ଝିଅ ନିଜ ମା'ଙ୍କ ଆଖିରେ ଭୟ ନୁହେଁ, ଆତ୍ମବିଶ୍ୱାସ ଦେଖିବ; ଯେଦିନ ପ୍ରତ୍ୟେକ ମହିଳା ନିଜ ନିଷ୍ପତ୍ତିକୁ ନିଜେ ନେବାର ଆର୍ଥିକ ଓ ସାମାଜିକ ଶକ୍ତି ପାଇବେ; ଯେଦିନ ଜଣେ ଗ୍ରାମୀଣ ମହିଳା ନିଜ ହାତର ଉତ୍ପାଦକୁ ଦେଶର ବଜାରକୁ ପଠାଇବେ; ଯେଦିନ ଜଣେ ଗୃହିଣୀ ନିଜ ଶ୍ରମର ମୂଲ୍ୟକୁ ନିଜ ଆୟରେ ପରିଣତ କରିବେ; ଯେଦିନ ଜଣେ ଝିଅ କହିବେ—"ମୋର ଭବିଷ୍ୟତ ମୋର ନିଜ ହାତରେ"—ସେହି ଦିନ ସୁଭଦ୍ରାର ସତ୍ୟ ଉତ୍ସବ ହେବ। ତେଣୁ ଦୁଇ ବର୍ଷର ସୁଭଦ୍ରାକୁ ଅଭିନନ୍ଦନ ଦେବା ସହିତ ତାହାକୁ ଆହୁରି ଗଭୀର, ଆହୁରି ସ୍ୱଚ୍ଛ, ଆହୁରି ସମାବେଶୀ ଏବଂ ଆହୁରି ଫଳଦାୟୀ କରିବାର ସଂକଳ୍ପ ମଧ୍ୟ ଆବଶ୍ୟକ। କାରଣ ଜଣେ ମହିଳାଙ୍କ ଜୀବନରେ ଜଳିଥିବା ଏକ ଛୋଟ ଆଲୋକ ଯେତେବେଳେ ତାଙ୍କ ଝିଅର ଜୀବନକୁ ଆଲୋକିତ କରେ, ସେତେବେଳେ ସେହି ଆଲୋକ ଏକ ଘରରେ ସୀମିତ ରହେ ନାହିଁ; ଏହା ପରିବାରରୁ ସମାଜକୁ, ସମାଜରୁ ରାଜ୍ୟକୁ ଏବଂ ରାଜ୍ୟରୁ ଆଗାମୀ ପିଢ଼ିକୁ ପହଞ୍ଚେ। ସୁଭଦ୍ରାର ଦୁଇ ବର୍ଷର ସବୁଠାରୁ ବଡ଼ ସ୍ୱପ୍ନ ମଧ୍ୟ ଏହି ହେଉ—ମହିଳାଙ୍କ ହାତରେ କେବଳ ସହାୟତା ନୁହେଁ, ନିଜ ଭବିଷ୍ୟତ ଗଢ଼ିବାର ଶକ୍ତି ରହୁ; ମହିଳାଙ୍କ ମନରେ କେବଳ ଆଶା ନୁହେଁ, ଆଶାକୁ ସତ୍ୟ କରିବାର ସାହସ ରହୁ; ଏବଂ ଓଡ଼ିଶାର ପ୍ରତ୍ୟେକ ଘରରେ ଜଣେ ମହିଳାଙ୍କ ଆତ୍ମବିଶ୍ୱାସର ଆଲୋକ ଜଳୁଥାଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ସେପ୍ଟେମ୍ବର ୨୦୨୬ ବୁଧବାର

# ଆଭା

## ମା’ ଦୁର୍ଗାଙ୍କ ଆଗମନ ଅପେକ୍ଷାରେ ଧରାବାସୀ : ସଜେଇ ହେଉଛି ବସୁଧା



ଶାରଦୀୟ ଦୁର୍ଗାପୂଜାକୁ ନେଇ ଏବେ ଚଳଚଞ୍ଚଳ ହୋଇଉଠିଛି ସାରା ପୃଥିବୀ। ମା’ ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛନ୍ତି ଧରାବାସୀ। ଶରତର ନିର୍ମଳ ଆକାଶ, ଧଳା କାଶତଣ୍ଡୀର ଦୋଳି ଓ ଶିଶିରଭିଜା ସକାଳ ପରିବେଶକୁ କରୁଛି ଅଧିକ ମନୋରମ। ପ୍ରକୃତି ଯେପରି ମା’ଙ୍କ ଆଗମନ ପାଇଁ ନିଜକୁ ସଜେଇ ନେଉଛି। ଦୁର୍ଗାପୂଜା ଆସିବା ପୂର୍ବରୁ ସହରଠାରୁ ଗାଁ ଯାଏଁ ଆରମ୍ଭ ହୋଇଛି ପ୍ରସ୍ତୁତି।

ବିଭିନ୍ନ ପୂଜାମଣ୍ଡପରେ ଚାଲିଛି ସାଜସଜ୍ଜା କାମ। କେଉଁଠି ତୋରଣ ନିର୍ମାଣ ଚାଲିଛି ତ କେଉଁଠି ଆଲୋକମାଳାରେ ଝଲସିବାକୁ ପ୍ରସ୍ତୁତ ହେଉଛି ପୂଜାମଣ୍ଡପ। ମା’ଙ୍କ ମୃଣ୍ମୟୀ ପ୍ରତିମାରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ ଶିଳ୍ପୀ। ମା’ ଦୁର୍ଗାଙ୍କ ଆଗମନକୁ ନେଇ ଛୋଟଠାରୁ ବଡ଼ ସମସ୍ତଙ୍କ ମନରେ ଉତ୍ସାହ। ନୂଆ ପୋଷାକ କିଣାଠାରୁ ଆରମ୍ଭ କରି ଘର ସଫାସୁତରା ଓ ସାଜସଜ୍ଜା ପର୍ଯ୍ୟନ୍ତ ଚାଲିଛି ପ୍ରସ୍ତୁତି। ପୂଜା ଦିନଗୁଡ଼ିକରେ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ମଣ୍ଡପ ବୁଲିବା, ମା’ଙ୍କ ଦର୍ଶନ କରିବା ଏବଂ ମେଳାର ମଜା ନେବା ପାଇଁ ଲୋକେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। କେବଳ ଧାର୍ମିକ ଆସ୍ଥା ନୁହେଁ, ଦୁର୍ଗାପୂଜା ଆମ ସଂସ୍କୃତି ଓ ପରମ୍ପରାର ମଧ୍ୟ ଏକ ଅବିଚ୍ଛେଦ୍ୟ ଅଂଶ।

ପୂଜାମଣ୍ଡପରେ ମନ୍ତ୍ରଧ୍ୱନି, ଢୋଲ ଓ ଘଣ୍ଟଘଣ୍ଟାର ଶବ୍ଦ ପରିବେଶକୁ ଭକ୍ତିମୟ କରିଥାଏ। ବିଭିନ୍ନ ସ୍ଥାନରେ ମେଢ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳା ଆୟୋଜନ ହେବାରୁ ପୂଜାର ଉତ୍ସାହ ଆହୁରି ବଢ଼ିଥାଏ। ଶରତ ଋତୁର ଆଗମନ ସହ ଯେପରି ପ୍ରକୃତି ନୂଆ ରୂପରେ ସଜେଇ ହୋଇଛି, ସେହିପରି ମା’ଙ୍କ ସ୍ୱାଗତ ପାଇଁ ସଜେଇ ହେଉଛି ବସୁଧା। ଭକ୍ତଙ୍କ ମନରେ ଭକ୍ତି ଓ ଉତ୍ସାହ, ଚାରିଆଡ଼େ ପୂଜାର ପ୍ରସ୍ତୁତି ସବୁକିଛି ମିଶି ସୃଷ୍ଟି କରିଛି ଏକ ମନୋରମ ପରିବେଶ। ଏବେ ଅପେକ୍ଷା କେବଳ ସେହି ଶୁଭ ମୁହୂର୍ତ୍ତକୁ, ଯେବେ ଧରାପୃଷ୍ଠକୁ ବିଜେ କରିବେ ମା’ ଦୁର୍ଗା। ଆଶ୍ୱିନ ମାସ ଆରମ୍ଭ...ମା’ ଆସିବେ...ଘରେଘରେ ପୂଜାର ମାହୋଲ୍...ପିଠାପଣା, କିଣାବିକା ସବୁ ଆରମ୍ଭ ହୋଇଯିବ। ଗାଁଠୁ ସହର ପର୍ଯ୍ୟନ୍ତ ହୋଇଉଠିବ ଉତ୍ସବମୁଖର। କୋଇଠି ମୂର୍ତ୍ତି ତିଆରି ଆରମ୍ଭ ହେଲାଣି ତ, ଆଉ କୋଉଠି ତୋରଣ ବନ୍ଧା ଚାଲିଛି। ମା’ଙ୍କ ଅଳଙ୍କାଗୁଡ଼ିକୁ ସଫା କରିବାରେ ବ୍ୟସ୍ତ ଅଛନ୍ତି କାରିଗର। କେବଳ ମାନବ ନୁହେଁ, ପ୍ରକୃତି ବି ସ୍ୱାଗତ କରିବାକୁ ସଜ ହୋଇଯାଇଛି। କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ କଥାରେ ଅଛି, ‘କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ, ସରୋବରେ ଫୁଟିଅଛି କୁମୁଦ କମଳ’। ମା’ଙ୍କ ଆଗମନରେ ପୁଲକିତ ଧରଣୀ ରାଣୀ। ଶସ୍ୟ ଶ୍ୟାମଳା ଧରଣୀରେ ନିଜ ପତିଆରା ବିସ୍ତାର କରି ନୀଳ ଆକାଶ ତଳେ ଖିଲିଖିଲି ହସୁଛି କାଶତଣ୍ଡୀ ଫୁଲ। ନଦୀପଠା ଠାରୁ ଆରମ୍ଭ କରି ରାସ୍ତାକଡ଼ ପର୍ଯ୍ୟନ୍ତ ସବୁଠି ଭରିଦେଇଛି ସୌନ୍ଦର୍ଯ୍ୟତା। ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇବେ ଜଗତଜନନୀ ମା ଦୁର୍ଗା। ଚଉଦିଗରେ ଏବେ ଭରି ରହିଛି ମାଳମାଳ କାଶତଣ୍ଡୀ। ସତେ ଯେମିତି ରାସ୍ତାକଡ଼ରୁ ଦୂରଦିଗନ୍ତ ପର୍ଯ୍ୟନ୍ତ ଧରଣୀ ରାଣୀ ଓଢ଼ି ହୋଇ ବସିଛି ଧଳା ଚାଦର। ସୁଲୁସୁଲିଆ ପବନର ଦୋଳି ଖେଳୁଥିବା କାଶତଣ୍ଡୀକୁ ଦେଖି କ୍ଷଣିଏ ଅଟକି ଯାଉଛନ୍ତି ସଭିଏଁ। ଲାଗୁଛି ମଥା ହଲାଇ ହଲାଇ ମା’ଙ୍କୁ ଡାକୁଛି ଯେମିତି। ଏହିଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଖା ପାଞ୍ଚମୀରେ କାଶତାଣ୍ଡି ଫୁଲର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ। ଆଉ କାଶତଣ୍ଡିର ତିଆରି ଚାମରରେ ମା ଦୁର୍ଗା ଧରବତାରଣ କରନ୍ତି ବୋଲି ବିଶ୍ୱାସ ରହିଛି। ଶରତ ଋତୁରେ ଆଗମନ ଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡି ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିକିରଣ କରିଥାଏ। ଦୁର୍ଗା ପୂଜା ଆଶ୍ୱିନ ମାସରେ ପାଳନ କରାଯାଉଥିବା ଏକ ପବିତ୍ର ପର୍ବ। ମହିଷାସୁରମର୍ଦିନୀ ମା’ ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣିତ। ଦୁର୍ଗା ଶବ୍ଦର ବିବିଧ ବିଶ୍ଳେଷଣ କରାଯାଇଛି। ସେଥିରୁ ଗୋଟିଏ ହେଉଛି ଦ୍+ଉ++ରଗ୍+ଆ। ‘ଦ’ର ଅର୍ଥ ଦୈତ୍ୟ ବିନାଶ ପାଇଁଯିଏ ଉଦ୍ଦିଷ୍ଟ, ଉ-ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, ର- ସମସ୍ତ ରୋଗର ଯିଏ ବିନାଶକାରୀ, ଗ-ସକଳ ପାପର ଯିଏ କ୍ଷୟକାରୀ, ଆ-ସମସ୍ତ ଭୟର ଯେ ହରଣକାରୀ। ଅନ୍ୟ ଏକ ଶବ୍ଦିକ ବିଶ୍ଳେଷଣ ହେଉଛି ଦୁର୍ଗ+ଆ। ଦୁର୍ଗର ଅର୍ଥ ବିପଦ ବା ଦୁର୍ଗତି, ଆ ଅର୍ଥ ନଷ୍ଟ କରିବା। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି, ସମସ୍ତ ଦେବତା ଯେତେବେଳେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ ଏବଂ ଦେବୀ ଦୁର୍ଗା ପ୍ରକଟୀତା ହେଲେ। ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ। ଅନେକ ସମୟ ଯୁଦ୍ଧ କଳାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କରି ଖଡ୍ଗଦ୍ୱାରା ଶିରଚ୍ଛେଦ କରିଥିଲେ। ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ।

## ମୃତ୍ୟୁ ପରେ ୨୪ ଘଣ୍ଟା ମଧ୍ୟରେ ଘରକୁ ଫେରେ ଆତ୍ମା

ପିତୃପକ୍ଷ ଆସିଲେ ପୂର୍ବପୁରୁଷଙ୍କ ସ୍ମରଣ, ଶ୍ରାଦ୍ଧ ଓ ପିଣ୍ଡଦାନକୁ ନେଇ ବିଭିନ୍ନ ଧାର୍ମିକ ମାନ୍ୟତା ସାମ୍ନାକୁ ଆସେ। ମୃତ୍ୟୁ ପରେ ଆତ୍ମାର ଗତିକୁ ନେଇ ମଧ୍ୟ ଗରୁଡ଼ ପୁରାଣରେ ବିଭିନ୍ନ ବର୍ଣ୍ଣନା ରହିଛି। ଏହା ଅନୁସାରେ, ମୃତ୍ୟୁ ପରେ ଆତ୍ମା ନିଜ ପରିବାର ଓ ଘର ପ୍ରତି ଥିବା ମୋହ କାରଣରୁ ପୁଣିଥରେ ପରିବାର ନିକଟକୁ ଫେରିଥାଏ ବୋଲି ଧାର୍ମିକ ମାନ୍ୟତା ରହିଛି। ଗରୁଡ଼ ପୁରାଣର ବର୍ଣ୍ଣନା ଅନୁସାରେ, ମୃତ୍ୟୁ ପରେ ଯମଦୂତ ଜୀବାତ୍ମାକୁ ଯମଲୋକକୁ ନେଇଯାଆନ୍ତି। ସେଠାରେ ଆତ୍ମାର ଜୀବନରେ କରାଯାଇଥିବା ପାପ ଓ ପୁଣ୍ୟର ହିସାବ ହୁଏ। ମଣିଷର କର୍ମ ଅନୁସାରେ ତା’ର ପରବର୍ତ୍ତୀ ଗତି ନିର୍ଦ୍ଧାରିତ ହୁଏ ବୋଲି ଏହି ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ ଥିବା କୁହାଯାଇଛି। ତେବେ ମୃତ୍ୟୁ ପରେ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଆତ୍ମା ନିଜ ଘରକୁ ଫେରିଥାଏ ବୋଲି ମାନ୍ୟତା ରହିଛି। ଏହାପରେ ପ୍ରାୟ ୧୩ ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅବଧି ଆରମ୍ଭ ହୁଏ। ଏହି ସମୟରେ ଆତ୍ମା ନିଜ ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ନିକଟରେ ରହି ସେମାନଙ୍କ ଶୋକକୁ ଦେଖୁଥାଏ ବୋଲି ଧାର୍ମିକ ବିଶ୍ୱାସରେ କୁହାଯାଏ। ଏହି ସମୟରେ ପରିବାର ପକ୍ଷରୁ ପିଣ୍ଡଦାନ ଓ ଅନ୍ୟାନ୍ୟ ମୃତ୍ୟୁକ୍ରିୟା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ପିଣ୍ଡଦାନ ଦ୍ୱାରା ମୃତକଙ୍କ ପାଇଁ ଏକ ‘ପ୍ରେତ ଶରୀର’ ଗଠନରେ ସହାୟତା ମିଳେ। ଦଶମ ଦିନରେ ପିଣ୍ଡଦାନ ସହିତ ଏକାଦଶ ଓ ଦ୍ୱାଦଶ ଦିନରେ ମଧ୍ୟ ଅନ୍ନ, ଜଳ, ବସ୍ତ୍ର ଓ ଦୀପ ଆଦି ଦେବାର ପରମ୍ପରା ବିଷୟରେ ଉଲ୍ଲେଖ ମିଳେ। ୧୩ ଦିନର ଏହି ପର୍ଯ୍ୟାୟ ପରେ ଆତ୍ମାର ଯମଲୋକ ଯାତ୍ରା ଆରମ୍ଭ ହୁଏ ବୋଲି ଗରୁଡ଼ ପୁରାଣ ସମ୍ବନ୍ଧୀୟ ବ୍ୟାଖ୍ୟାରେ କୁହାଯାଇଛି। ଏହି ଯାତ୍ରା ମଧ୍ୟ ମଣିଷର କର୍ମ ଅନୁସାରେ ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଅର୍ଥାତ୍, ଜୀବନରେ କରାଯାଇଥିବା ଭଲ ଓ ମନ୍ଦ କର୍ମର ପ୍ରଭାବ ମୃତ୍ୟୁ ପରେ ମଧ୍ୟ ରହିଥାଏ ବୋଲି ଏହି ପରମ୍ପରାରେ ବିଶ୍ୱାସ କରାଯାଏ। ପିତୃପକ୍ଷ ସମୟରେ ପୂର୍ବପୁରୁଷଙ୍କ ଶ୍ରାଦ୍ଧ ଓ ପିଣ୍ଡଦାନକୁ ତେଣୁ ବିଶେଷ ମହତ୍ତ୍ୱ ଦିଆଯାଏ। ତେବେ ଆତ୍ମାର ଏହି ଗତି ସମ୍ପର୍କିତ କଥାଗୁଡ଼ିକ ଧାର୍ମିକ ଗ୍ରନ୍ଥ ଓ ପରମ୍ପରାରେ ଥିବା ମାନ୍ୟତା, ଏଗୁଡ଼ିକୁ ବୈଜ୍ଞାନିକ ଭାବେ ପ୍ରମାଣିତ ତଥ୍ୟ ଭାବେ ନେବା ଉଚିତ ନୁହେଁ।



## ଆସ୍ଥା ଓ ବିଶ୍ୱାସର ପ୍ରତୀକ ମାତା ଲିଙ୍ଗେଶ୍ୱରୀ



ଭାରତର କୋଣ ଅନୁକୋଣରୁ ହଜାର ହଜାର ଭକ୍ତଙ୍କ ଭିଡ଼କୁ ନେଇ ଖୋଲିଥିଲା ମାତା ଲିଙ୍ଗେଶ୍ୱରୀ ମନ୍ଦିର। ବର୍ଷକୁ କେବଳ ଗୋଟାଏ ଦିନ ଖୋଲୁଥିବା ଏହି ମନ୍ଦିରରେ ପୂଜା ପାଆନ୍ତି ଆସ୍ଥା ଓ ବିଶ୍ୱାସର ପ୍ରତୀକ ମାତା ଲିଙ୍ଗେଶ୍ୱରୀ । ମୂଖ୍ୟତଃ ନିଃସନ୍ତାନଙ୍କ ମାନସିକ ପୂରଣ ପାଇଁ ପ୍ରସିଦ୍ଧ ଯୋଗୁଁ ଏଠାରେ ଏହି ଗୋଟାଏ ଦିନ ଭକ୍ତଙ୍କ ଭିଡ଼ ପ୍ରବଳ । ନବରଙ୍ଗପୁରଜିଲ୍ଲା ରାଇଘର ବ୍ଲକ ଠାରୁ ମାତ୍ର ୭୦ କିଲୋମିଟର ଦୂର ତଥା ଛତିଶଗଡ଼ ଅନ୍ତର୍ଗତ କୋଣ୍ଡାଗାଁ ଜିଲ୍ଲାର ଫରସଗାଁ ନିକଟସ୍ଥ ଓଲେର୍ ଗ୍ରାମର ଝାଟିବନ ପର୍ବତ ଗୁମ୍ଫାରେ ଅବସ୍ଥିତ ଦେବୀ ଲିଙ୍ଗେଶ୍ୱରୀଙ୍କ ଏହି ମନ୍ଦିର। ବର୍ଷକୁ ଗୋଟାଏ ଦିନ ପାଇଁ ଅର୍ଥାତ ଭାଦ୍ରବ ମାସ ନୂଆଖାଇ ପରେ ପଡୁଥିବା ବୁଧବାର ଦିନ ସକାଳ ୬ଟା ଠାରୁ ବିଧିବଦ୍ଧ ଭାବେ ପୂଜା ଆରମ୍ଭ ହୋଇ ରାତି ୧୨ଟା ପର୍ଯ୍ୟନ୍ତ ଭକ୍ତମାନଙ୍କ ପାଇଁ ଖୋଲାଯାଇଥାଏ। ଦୁଇ ଦିନ ପୂର୍ବରୁ ମନ୍ଦିରରେ ମାଙ୍କ ଦର୍ଶନ ପାଇଁ ଭକ୍ତ ମାନେ ଧାଡ଼ିରେ ରହିବା ଆରମ୍ଭ କରିଥାନ୍ତି। ମାସେ ପୂର୍ବରୁ ମନ୍ଦିର ଠାରୁ ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ସମସ୍ତ ଭକ୍ତ କିଭଳି ସୁରୁଖୁରୁରେ ଗୁମ୍ଫା ମନ୍ଦିର ଦର୍ଶନ କରି ପାରିବେ ସେ ନେଇ ବିଭିନ୍ନ ଟିମ ଗଠନ କରାଯାଇଥାଏ । ସମ୍ବାଦ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ, ମନ୍ଦିର ପୁରୋହିତ ପ୍ରକାଶ କରିଛନ୍ତି ଯେ ଚଳିତ ବର୍ଷ ଗୁମ୍ଫାରେ ପ୍ରବେଶ କରିବା ପରେ ସେମାନେ ପ୍ରଥମେ ସିଂହର ପାଦଚିହ୍ନ ଦେଖିଥିଲେ । ଯାହାକୁ ଭଲ ବର୍ଷା, ଭଲ ଫସଲ ଏବଂ ସମୃଦ୍ଧିର ପ୍ରତୀକ ବୋଲି ବିବେଚନା କରାଯାଇଥିଲା । ବସ୍ତର ମହାରାଜା କମଳ ଚାନ୍ଦ ଭଞ୍ଜଦେବ ଏବଂ ତାଙ୍କ ପତ୍ନୀଙ୍କ ସହିତ ପ୍ରଥମେ ଗୁମ୍ଫା ମନ୍ଦିରରେ ପ୍ରବେଶ କରି ଦେବୀ ଲିଙ୍ଗେଶ୍ୱରୀଙ୍କ ବିଧିବଦ୍ଧ ପୂଜା କରିଥିଲେ ଏବଂ ଏକ ସନ୍ତାନ ପାଇଁ ପ୍ରାର୍ଥନା କରିଥିଲେ। ଯାହାର ସନ୍ତାନ ହୋଇପାରୁନାହିଁ ସେହି ଦମ୍ପତି ଏଠାକୁ ଆସି ମାନସିକ କରିଲେ ମାଙ୍କ ଆଶୀର୍ବାଦରୁ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ପ୍ରବଳ ବିଶ୍ୱାସ ରହିଛି । ଏଠାରେ କାକୁଡ଼ିର ଭୋଗ ଲାଗିବା ପରେ ଦୁହେଁ ପତି ପତ୍ନୀ ଉକ୍ତ ଭୋଗ କାକୁଡ଼ିକୁ ନଖରେ ଦୁଇ ଫାଳ କରି ଖାଇଥାନ୍ତି । ଏହି ଲିଙ୍ଗେଶ୍ୱରୀ ମାଙ୍କ ଆଶୀର୍ବାଦରୁ ବର୍ଷ ବର୍ଷ ଧରି ସନ୍ତାନ ନଥିବା ବହୁ ଦମ୍ପତିଙ୍କୁ ସନ୍ତାନ ପ୍ରାପ୍ତ ହୋଇଥିବା ଉଦାହରଣ ଏଠାରେ ଦେଖିବାକୁ ମିଳିଥାଏ । ଏହି ମନ୍ଦିରକୁ ଛତିଶଗଡ଼ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଯଥା ଓଡ଼ିଶା ଆନ୍ଧ୍ର, ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଭଳି ରାଜ୍ୟରୁ ଭକ୍ତମାନେ ଦେବୀ ଲିଙ୍ଗେଶ୍ୱରୀଙ୍କୁ ଦର୍ଶନ କରିବାକୁ ଆସିଥିଲେ। ପ୍ରାୟ ୫୦ ହଜାରରୁ ଅଧିକ ଭକ୍ତ ଆସି ଦୁଇଦିନ ପୂର୍ବରୁ ଧାଡ଼ିରେ ରହିଥିଲେ । ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ଏବଂ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ। ମନ୍ଦିର ପରିସର ଏବଂ ପ୍ରବେଶ ପଥରେ ପୁଲିସ ଫୋର୍ସ ମୁତୟନ ସହିତ ଆଶୁ ଚିକିତ୍ସା, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ମା ଲିଙ୍ଗେଶ୍ୱରୀଙ୍କ ଦର୍ଶନ ପ୍ରକ୍ରିୟା ରାତି ୧୨ଟା ପର୍ଯ୍ୟନ୍ତ ଜାରି ରହିବା ପରେ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯିବା ସହିତ ମନ୍ଦିର କମିଟି ପକ୍ଷରୁ ଉପଯୁକ୍ତ ପୂଜା ପରେ ଗୁମ୍ଫାର ଦ୍ୱାର ପୁନର୍ବାର ବନ୍ଦ କରାଯାଇଥାଏ। ବର୍ଷକୁ କେବଳ ଥରେ ଖୋଲାଯାଉଥିବା ଏହି ଦରବାରରେ ଭକ୍ତଙ୍କ ଆସ୍ଥା ଏବଂ ବିଶ୍ୱାସର ବନ୍ୟା ଦେଖିବାକୁ ମିଳିଥାଏ।

## ଆରମ୍ଭ ହେଉଛି ଶାରଦୀୟ ନବରାତ୍ରି ପୂଜା



ହିନ୍ଦୁ ଧର୍ମରେ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ନବରାତ୍ରିର ୯ ଦିନ ମା’ ଦୁର୍ଗାଙ୍କ ୯ଟି ଭିନ୍ନ ସ୍ୱରୂପଙ୍କୁ ସମର୍ପିତ। ବର୍ଷକୁ ୪ ଥର ନବରାତ୍ରି ପାଳନ କରାଯାଏ, କିନ୍ତୁ ଶାରଦୀୟ ନବରାତ୍ରିର ମହତ୍ତ୍ୱ ସବୁଠାରୁ ଅଧିକ ରହିଥାଏ। ଏହି ୯ ଦିନ ଭକ୍ତମାନେ ମା’ ଦୁର୍ଗାଙ୍କ ୯ଟି ସ୍ୱରୂପଙ୍କୁ ପୂଜା କରିବା ସହ ଉପବାସ ରଖନ୍ତି। ତେବେ ଚଳିତ ବର୍ଷ ଶାରଦୀୟ ନବରାତ୍ରି କେବେଠାରୁ ଆରମ୍ଭ ହେଉଛି, ୯ ଦିନର ବ୍ରତ କେଉଁ କେଉଁ ତାରିଖରେ ରହିବ ଏବଂ ପ୍ରଥମ ଦିନ ଘଟସ୍ଥାପନାର ଶୁଭ ମୁହୂର୍ତ୍ତ କେତେବେଳେ ରହିବ, ଆସନ୍ତୁ ଜାଣିବା।

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ, ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଶାରଦୀୟ ନବରାତ୍ରି ଆରମ୍ଭ ହୁଏ। ଚଳିତ ବର୍ଷ ପ୍ରତିପଦା ତିଥି ୧୦ ଅକ୍ଟୋବର ୨୦୨୬ ରାତି ୯ଟା ୧୯ ମିନିଟରୁ ଆରମ୍ଭ ହୋଇ ୧୧ ଅକ୍ଟୋବର ରାତି ୯ଟା ୩୦ ମିନିଟରେ ଶେଷ ହେବ। ତେଣୁ ଉଦୟା ତିଥିକୁ ଧ୍ୟାନରେ ରଖି ଶାରଦୀୟ ନବରାତ୍ରି ୧୧ ଅକ୍ଟୋବରରୁ ଆରମ୍ଭ ହେବ। ନବରାତ୍ରିର ପ୍ରଥମ ବ୍ରତ ୧୧ ଅକ୍ଟୋବରରେ ରଖାଯିବ ଏବଂ ୯ମ ବ୍ରତ ୧୯ ଅକ୍ଟୋବରରେ ରହିବ। ପ୍ରଥମ ବ୍ରତ – ୧୧ ଅକ୍ଟୋବର: ଏହି ଦିନ ମା’ ଶୈଳପୁତ୍ରୀଙ୍କ ପୂଜା କରାଯାଏ। ଦ୍ୱିତୀୟ ବ୍ରତ – ୧୨ ଅକ୍ଟୋବର: ଏହି ଦିନ ମା’ ବ୍ରହ୍ମଚାରିଣୀଙ୍କ ପୂଜା କରାଯାଏ। ତୃତୀୟ ବ୍ରତ – ୧୩ ଅକ୍ଟୋବର: ଏହି ଦିନ ମା’ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଏ। ଚତୁର୍ଥ ବ୍ରତ – ୧୪ ଅକ୍ଟୋବର: ଏହି ଦିନ ମା’ କୁଷ୍ମାଣ୍ଡାଙ୍କ ପୂଜା କରାଯାଏ। ପଞ୍ଚମ ବ୍ରତ – ୧୫ ଅକ୍ଟୋବର: ଏହି ଦିନ ମା’ ସ୍କନ୍ଦମାତାଙ୍କ ପୂଜା କରାଯାଏ। ଷଷ୍ଠ ବ୍ରତ – ୧୬ ଅକ୍ଟୋବର: ଏହି ଦିନ ମା’ କାତ୍ୟାୟନୀଙ୍କ ପୂଜା କରାଯାଏ। ସପ୍ତମ ବ୍ରତ – ୧୭ ଅକ୍ଟୋବର: ଏହି ଦିନ ମା’ କାଳରାତ୍ରୀଙ୍କ ପୂଜା କରାଯାଏ। ଅଷ୍ଟମ ବ୍ରତ – ୧୮ ଅକ୍ଟୋବର: ଏହି ଦିନ ମା’ ମହାଗୌରୀଙ୍କ ପୂଜା କରାଯାଏ। ନବମ ବ୍ରତ – ୧୯ ଅକ୍ଟୋବର: ଏହି ଦିନ ମା’ ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ।

ନବରାତ୍ରିର ପ୍ରଥମ ଦିନ ଘରେ କଳସ ସ୍ଥାପନା କରାଯାଏ। ଚଳିତ ବର୍ଷ ଘଟସ୍ଥାପନାର ଶୁଭ ମୁହୂର୍ତ୍ତ ସକାଳ ୬ଟା ୧୯ ମିନିଟରୁ ୧୦ଟା ୧୨ ମିନିଟ ପର୍ଯ୍ୟନ୍ତ ରହିବ। ଏହି ସମୟରେ ଭକ୍ତମାନେ କଳସ ସ୍ଥାପନା କରି ମା’ ଦୁର୍ଗାଙ୍କ ପୂଜା ଆରମ୍ଭ କରିପାରିବେ। ଯଦି ସକାଳ ସମୟରେ କଳସ ସ୍ଥାପନା କରିପାରୁନାହାନ୍ତି, ତେବେ ଏହା ପରେ ଅଭିଜିତ ମୁହୂର୍ତ୍ତ ସକାଳ ୧୧ଟା ୪୪ ମିନିଟରୁ ଦ୍ୱିପ୍ରହର ୧୨ଟା ୩୧ ମିନିଟ ପର୍ଯ୍ୟନ୍ତ ରହିବ। ଏହି ସମୟରେ ମଧ୍ୟ କଳସ ସ୍ଥାପନା କରାଯାଇପାରିବ। ଧାର୍ମିକ ମାନ୍ୟତା ଅନୁସାରେ, ନବରାତ୍ରି ସମୟରେ ମା’ ଦୁର୍ଗାଙ୍କୁ ସଚ୍ଚୋଟ ମନରେ ପୂଜା କରିବା ଏବଂ ବ୍ରତ ରଖିବା ଦ୍ୱାରା ଦେବୀଙ୍କ ଆଶୀର୍ବାଦ ମିଳିଥାଏ। ମାନ୍ୟତା ରହିଛି ଯେ, ମା’ ଦୁର୍ଗା ନିଜ ଭକ୍ତଙ୍କ ଦୁଃଖ ଦୂର କରିବା ସହ ସେମାନଙ୍କର ସମସ୍ତ ମନୋକାମନା ପୂରଣ କରନ୍ତି।

## କର୍ଣ୍ଣାଟକରେ କିଡନୀ ରୋଗରେ ମୃତ୍ୟୁ ସଂଖ୍ୟା ୩ ଗୁଣ ବୃଦ୍ଧି

ଗତ ଦଶନ୍ଧି ମଧ୍ୟରେ କର୍ଣ୍ଣାଟକରେ କିଡନୀ ଏବଂ ମୂତ୍ରନଳୀ ରୋଗ ଯୋଗୁଁ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ମୃତ୍ୟୁର କାରଣ ପାଇଁ ମେଡିକାଲ୍ ସାର୍ଟିଫିକେସନ୍ ଅନୁଯାୟୀ, ୨୦୧୬ରେ କିଡନୀ ଏବଂ ମୂତ୍ରନଳୀ ରୋଗ ଯୋଗୁଁ ୫,୯୪୦ ଜଣଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ୨୦୨୫ରେ ଏହି ସଂଖ୍ୟା ୧୮,୭୩୦କୁ ବୃଦ୍ଧି ପାଇଥିଲା। ଏହାର ଅର୍ଥ ଏହି ସମୟ ମଧ୍ୟରେ ଏପରି ମୃତ୍ୟୁ ସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି । ରିପୋର୍ଟ ଅନୁଯାୟୀ, ୨୦୨୫ରେ ବିଭିନ୍ନ ରୋଗ ଯୋଗୁଁ ପ୍ରାୟ ୧.୬ ଲକ୍ଷ ମୃତ୍ୟୁ ପ୍ରମାଣିତ ହୋଇଥିଲା, ଯାହା ୨୦୧୬ରେ ୧.୪ ଲକ୍ଷରୁ ଅଧିକ ଥିଲା। ଏହା ମୋଟ ଡାକ୍ତରୀ ପ୍ରମାଣିତ ମୃତ୍ୟୁ ସଂଖ୍ୟାରେ ପ୍ରାୟ ୮ ପ୍ରତିଶତ ବୃଦ୍ଧିକୁ ପ୍ରତିନିଧିତ୍ୱ କରେ। ତୁଳନାତ୍ମକ ଭାବରେ, କିଡନୀ ଏବଂ ମୂତ୍ରନଳୀ ରୋଗ ଯୋଗୁଁ ମୃତ୍ୟୁ ସଂଖ୍ୟା ବହୁତ ଅଧିକ ବୃଦ୍ଧି ପାଇଛି । ୨୦୨୫ ମସିହାରେ ସମସ୍ତ ଡାକ୍ତରୀ ଭାବରେ ନିଶ୍ଚିତ ମୃତ୍ୟୁର ୧୧.୮ ପ୍ରତିଶତ ପାଇଁ ମୂତ୍ରନଳୀ ରୋଗ ଦାୟୀ ଥିଲା । ରକ୍ତ ସଂଚାଳନ ଏବଂ ଶ୍ୱାସକ୍ରିୟା ରୋଗ ପରେ ଏଗୁଡ଼ିକ ମୃତ୍ୟୁର ତୃତୀୟ ପ୍ରମୁଖ କାରଣ ଥିଲା। ତଥ୍ୟ ଅନୁଯାୟୀ, ୨୦୧୯ରେ କିଡନୀ ଏବଂ ମୂତ୍ରନଳୀ ରୋଗରୁ ୭,୪୦୨ ଜଣଙ୍କ ମୃତ୍ୟୁ




ରେକର୍ଡ କରାଯାଇଛି । ଏହି ସଂଖ୍ୟା ୨୦୨୧ରେ ୯,୮୮୪, ୨୦୨୨ରେ ୧୩,୫୬୯ ଏବଂ ୨୦୨୪ରେ ୧୭,୬୮୯ରେ ପହଞ୍ଚିଛି । ୨୦୧୮ରେ ସାମାନ୍ୟ ହ୍ରାସ ବ୍ୟତୀତ, ଏହି ବର୍ଗରେ ମୃତ୍ୟୁ ସଂଖ୍ୟା ୨୦୧୨ ପରଠାରୁ ନିରନ୍ତର ବୃଦ୍ଧି ପାଉଛି । ବିଶେଷଜ୍ଞଙ୍କ ଅନୁଯାୟୀ, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ସ୍ଥୁଳତା ଭଳି ବିପଦ କାରକ ବୃଦ୍ଧି କିଡନୀ ରୋଗର ବୃଦ୍ଧି ପାଇଁ ଏକ ଅବଦାନକାରୀ କାରଣ ହୋଇପାରେ । ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ଯଶବନ୍ତପୁରର ମଣିପାଲ ହସ୍ପିଟାଲର ପରାମର୍ଶଦାତା ନେଫ୍ରୋଲୋଜିଷ୍ଟ ଡାକ୍ତର ଦୀପକ ଚିତ୍ରାଲିଙ୍କ ଉଦ୍ଧୃତି ଦିଆଯାଇଛି ଯେ ପରିବର୍ତ୍ତନଶୀଳ ଜୀବନଶୈଳୀ ସମେତ ଅନେକ କାରଣ ଏହି ପରିସ୍ଥିତିରେ ଅବଦାନ ରଖୁଛି। ଡାକ୍ତରଙ୍କ ଅନୁଯାୟୀ, ଯଦି ମଧୁମେହ ନିୟନ୍ତ୍ରଣ କରାନଯାଏ, ତେବେ ଏହା କିଡନୀକୁ କ୍ଷତି ପହଞ୍ଚାଇପାରେ ଏବଂ କିଡନୀ ବିଫଳତାର ଆଶଙ୍କା ବୃଦ୍ଧି କରିପାରେ। ମଧୁମେହରେ ଆକ୍ରାନ୍ତ ପ୍ରାୟ ୪୦ ପ୍ରତିଶତ ଲୋକଙ୍କର କିଡନୀ ସମ୍ବନ୍ଧୀୟ ଜଟିଳତା ହେବାର ଆଶଙ୍କା ଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, କିଡନୀ କାର୍ଯ୍ୟକ୍ଷମତା ହ୍ରାସ ପାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ କରିବା କଷ୍ଟକର ହୋଇପାରେ । ଏହା ହୃଦୟ ଏବଂ ରକ୍ତବାହୀ ନଳୀ ସମସ୍ୟାର ବିପଦକୁ ବୃଦ୍ଧି କରିପାରେ । ହୃଦ୍‌ରୋଗ ବୃକକ୍ ସ୍ୱାସ୍ଥ୍ୟକୁ ଆହୁରି ଖରାପ କରିପାରେ । ରିପୋର୍ଟ ଅନୁଯାୟୀ, କିଡ୍ନୀ ବିଫଳତା ଯୋଗୁଁ ମୃତ୍ୟୁର ୮୭.୮ ପ୍ରତିଶତ ପାଇଁ ୪୫ ବର୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ, ୭୦ ବର୍ଷରୁ ଅଧିକ ଲୋକଙ୍କ ମଧ୍ୟରେ ୫୬୪୮ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ସମସ୍ତ କିଡନୀ ବିଫଳତା ମୃତ୍ୟୁର ୩୭.୭ ପ୍ରତିଶତ।

## ଗୟାର ମନ୍ଦିରରେ ଜୀବିତ ବ୍ୟକ୍ତି ନିଜେ ନିଜ ପାଇଁ କରନ୍ତି ପିଣ୍ଡଦାନ ଆଉ ଶ୍ରାଦ୍ଧ

ପିତୃପକ୍ଷ ପୂର୍ବପୁରୁଷଙ୍କ ପ୍ରତି ସମର୍ପିତ। ଏହି ସମୟକୁ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶୁଭ ବୋଲି ବିବେଚନା କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ ପିତୃପକ୍ଷ ସମୟରେ ପୂର୍ବପୁରୁଷ ମାନେ ପୃଥିବୀକୁ ଆସି ସେମାନଙ୍କ ବଂଶଧରଙ୍କ ଉପରେ ଆଶୀର୍ବାଦ ବୃଷ୍ଟି କରନ୍ତି । ଏହି କାରଣରୁ ପିତୃପକ୍ଷ ସମୟରେ ପୂର୍ବପୁରୁଷ ମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ସେମାନଙ୍କ ଆତ୍ମାର ଶାନ୍ତି ସୁନିଶ୍ଚିତ କରିବା ପାଇଁ ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡ ଦାନ କରାଯାଏ । ପିଣ୍ଡ ଦାନ ହେଉଛି ସ୍ୱର୍ଗତଃ ଆତ୍ମାର ଶାନ୍ତି ଏବଂ ମୁକ୍ତି ପାଇଁ କରାଯାଉଥିବା ଏକ ପବିତ୍ର ଶ୍ରାଦ୍ଧ ବ୍ରତ । ଏହା ବିଶ୍ୱାସ କରାଯାଏ ଯେ ବିହାରର ଗୟାରେ ପୂର୍ବପୁରୁଷଙ୍କୁ ପିଣ୍ଡ ଦାନ ଅର୍ପଣ କରିବା ପୂର୍ବପୁରୁଷଙ୍କୁ ଆଶୀର୍ବାଦ ପ୍ରଦାନ କରେ ଏବଂ ସେମାନଙ୍କ ମୋକ୍ଷ ପାଇଁ ଯାତ୍ରା ସୁନିଶ୍ଚିତ କରେ। ଏହା ବିଶ୍ୱାସ କରାଯାଏ ଯେ ଗୟା ହେଉଛି ସବୁଠାରୁ ପବିତ୍ର ସ୍ଥାନ ଯେଉଁଠାରେ ଭଗବାନ ବିଷ୍ଣୁ ପୂର୍ବପୁରୁଷଙ୍କୁ ମୋକ୍ଷ ପ୍ରଦାନ କରିଥିଲେ। ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ, ଗୟାକୁ ମୋକ୍ଷ ଭୂମି କୁହାଯାଏ। ଏହାକୁ ବିଷ୍ଣୁ ନଗରୀ ଭାବରେ ମଧ୍ୟ ଜଣାଶୁଣା । କୁହାଯାଏ ଯେ ବିଷ୍ଣୁ ସ୍ୱୟଂ ଏଠାରେ ପୂର୍ବପୁରୁଷ ଦେବତା ଭାବରେ ଉପସ୍ଥିତ ଅଛନ୍ତି । ଶାସ୍ତ୍ରରେ କୁହାଯାଇଛି ଯେ ଗୟା ହେଉଛି ସେହି ସ୍ଥାନ ଯେଉଁଠାରେ ପିଣ୍ଡ ଦାନ କରିବା ଦ୍ୱାରା ୧୦୮ଟି ବଂଶ ଏବଂ ଆଗାମୀ ସାତ ପିଢ଼ି ପାଇଁ ମୋକ୍ଷ ମିଳିଥାଏ । ବର୍ତ୍ତମାନ, ଗୟାରେ ୪୮ଟି ବେଦୀ ଅଛି ଯେଉଁଠାରେ ପିତୃପୁରୁଷଙ୍କ ପାଇଁ ପିଣ୍ଡ ଦାନ କରାଯାଏ । ଅକ୍ଷୟାବତ ମଧ୍ୟ ଏପରି ଏକ ସ୍ଥାନ ଯେଉଁଠାରେ ପୂର୍ବପୁରୁଷଙ୍କ ପାଇଁ ପାରମ୍ପରିକ ଭାବରେ ଦାନ କରାଯାଏ। ଗୟାରେ ଏକ ମନ୍ଦିର ମଧ୍ୟ ଅଛି ଯେଉଁଠାରେ ଲୋକମାନେ ଜୀବିତ ଥିବା ସମୟରେ ନିଜର ପିଣ୍ଡ ଦାନ କରନ୍ତି । ଗୟାରେ ଏହି ଅନନ୍ୟ ଏବଂ ପ୍ରସିଦ୍ଧ ମନ୍ଦିରକୁ ଜନାର୍ଦ୍ଦନ ମନ୍ଦିର କୁହାଯାଏ, ଯାହା ଭସ୍ମକୁଟ ପର୍ବତରେ ଅବସ୍ଥିତ । ପିତୃ ପକ୍ଷ ସମୟରେ, ଏହା ଭକ୍ତଙ୍କ ଭିଡ଼ରେ ଭିଡ଼ ହୋଇଥାଏ । ଏହା ଗୟାର ଏକମାତ୍ର ମନ୍ଦିର ଯେଉଁଠାରେ ଲୋକମାନେ ଜୀବିତ ଥିବା ସମୟରେ ପିଣ୍ଡ ଦାନ କରନ୍ତି ।



ଭଗବାନ ବିଷ୍ଣୁ ଏହି ମନ୍ଦିରରେ ଜନାର୍ଦ୍ଦନ ରୂପରେ ବିରାଜିତ । ହିନ୍ଦୁ ଧର୍ମରେ, ମୃତ୍ୟୁ ପରେ ପିଣ୍ଡ ଦାନ କରିବା ସ୍ୱର୍ଗତଃ ଆତ୍ମାର ଶାନ୍ତି ଏବଂ ମୁକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ବିଶ୍ୱାସ କରାଯାଏ ଯେ ଯଦି ମୃତ୍ୟୁ ପରେ କୌଣସି ବ୍ୟକ୍ତିଙ୍କ ଆତ୍ମାକୁ ପିଣ୍ଡ ଦାନ କିମ୍ବା ତର୍ପଣ କରାଯାଏ ନାହିଁ, ତେବେ ସେମାନଙ୍କ ଆତ୍ମାକୁ ଶାନ୍ତି ମିଳେ ନାହିଁ ଏବଂ ସେ ପୃଥିବୀରେ ଭ୍ରମଣ କରିବାକୁ ପଡ଼ିଥାଏ । ଏପରି ପରିସ୍ଥିତିରେ, ଯେଉଁମାନଙ୍କର କୌଣସି ସନ୍ତାନସନ୍ତତି ନାହିଁ କିମ୍ବା ପରିବାରରେ ସେମାନଙ୍କ ପାଇଁ ପିଣ୍ଡ ଦାନ କରିବା ପାଇଁ କେହି ନାହାନ୍ତି, ସେମାନେ ଗୟାର ଜନାର୍ଦ୍ଦନ ମନ୍ଦିରରେ ଜୀବିତ ଅବସ୍ଥାରେ ପିଣ୍ଡ ଦାନ କରନ୍ତି । ଏହା ବ୍ୟତୀତ, ଯେଉଁମାନେ ସନ୍ନ୍ୟାସ ଗ୍ରହଣ କରିଛନ୍ତି ସେମାନେ ମଧ୍ୟ ଏହି ମନ୍ଦିରକୁ ପିଣ୍ଡ ଦାନ କରିବାକୁ ଆସନ୍ତି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଭଗବାନ ବିଷ୍ଣୁ ସ୍ୱୟଂ ଜନାର୍ଦ୍ଦନ ମନ୍ଦିରରେ ପିଣ୍ଡ ଗ୍ରହଣ କରନ୍ତି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ଗୟାରେ ଜୀବିତ ଅବସ୍ଥାରେ ଶ୍ରାଦ୍ଧ ଏବଂ ପିଣ୍ଡ ଦାନ କରନ୍ତି, ତେବେ ତାଙ୍କ ପରିବାର ସଦସ୍ୟଙ୍କୁ ମୃତ୍ୟୁ ପରେ ଶ୍ରାଦ୍ଧ ବ୍ରତ କରିବାକୁ ପଡ଼ିନଥାଏ । ପିଣ୍ଡ ଦାନ କରିବା ପରେ, ମୃତ୍ୟୁ ପରେ ଆତ୍ମାକୁ ଯମଲୋକ କିମ୍ବା ଅନ୍ୟ ସ୍ଥାନରେ କଷ୍ଟ ଭୋଗିବାକୁ ପଡ଼ିନଥାଏ । ଆତ୍ମ ଶ୍ରାଦ୍ଧ ଉତ୍ସବ ତିନି ଦିନ ଧରି ଚାଲିଥାଏ। ଆତ୍ମା ଶ୍ରାଦ୍ଧ ଉତ୍ସବ ତିନି ଦିନ ଧରି ସମାପ୍ତ ହୁଏ । ପ୍ରଥମେ, ଗୟାଜୀ ତୀର୍ଥସ୍ଥଳରେ ପହଞ୍ଚିବା ପରେ, ବୈଷ୍ଣବ ଧର୍ମ ପ୍ରାପ୍ତି ଏବଂ ପାପର ପ୍ରାୟଶ୍ଚିତ୍ତ ପାଇଁ ଏକ ବ୍ରତ ନିଆଯାଏ । ଏହା ପରେ, ଭଗବାନ ଜନାର୍ଦ୍ଦନ ସ୍ୱାମୀଙ୍କ ମନ୍ଦିରରେ ନିର୍ଦ୍ଦିଷ୍ଟ ରୀତିନୀତି ଅନୁସରଣ କରି ପ୍ରାର୍ଥନା ଏବଂ ଜପ କରାଯାଏ । ଦହି ଏବଂ ଚାଉଳରେ ତିଆରି ତିନୋଟି ପିଣ୍ଡ ଦେବତାଙ୍କୁ ଅର୍ପଣ କରାଯାଏ। ଏହି ଉତ୍ସବରେ ରାଶି ବିହନ ବ୍ୟବହାର କରାଯାଏ ନାହିଁ, ଯେତେବେଳେ ମୃତ ବ୍ୟକ୍ତିଙ୍କ ପାଇଁ ଶ୍ରାଦ୍ଧ ସମାରୋହରେ ରାଶି ବିହନକୁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ । ପିଣ୍ଡ ଦାନ କରିବା ସମୟରେ, ଭକ୍ତମାନେ ଭଗବାନଙ୍କୁ ପ୍ରାର୍ଥନା କରନ୍ତି, ‘ହେ ପ୍ରଭୁ, ମୁଁ ଜୀବିତ ଥିବା ପର୍ଯ୍ୟନ୍ତ ଏହି ପିଣ୍ଡ ମୋ ପାଇଁ ଅର୍ପଣ କରୁଛି । ଯେତେବେଳେ ମୋର ଆତ୍ମା ଏହି ଶରୀର ଛାଡିଯାଏ, ମୁଁ ଆପଣଙ୍କ ଆଶୀର୍ବାଦରେ ମୋକ୍ଷ ପ୍ରାପ୍ତ କରିବି।’ ଜନାର୍ଦ୍ଦନ ମନ୍ଦିର ହେଉଛି ବିଶ୍ୱର ଏକମାତ୍ର ମନ୍ଦିର ଯେଉଁଠାରେ ଜୀବିତ ବ୍ୟକ୍ତିମାନେ ନିଜର ଶ୍ରାଦ୍ଧ ଏବଂ ପିଣ୍ଡ ଦାନ କରନ୍ତି ।

# ଆଥଲେଟିକ୍ସରେ ଭାରତକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ



**ଆଇଚି-ନାଗୋୟା**

ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ପାଇଁ ଚାହିଁ ବସିଥିବା ଭାରତକୁ ଆଥଲେଟିକ୍ସରେ ମିଳିଛି ଏକ ବଡ଼ ସଫଳତା। ଭାରତୀୟ ମହିଳା ରିଲେ ଟିମ୍ ୪X୪୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହାସହ ଆଥଲେଟିକ୍ସରେ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ଆସିଛି। ପ୍ରାଚୀ, ପୂବମ୍ମା, କିରଣ ଏବଂ ବିତ୍ୟା ରାମରାଜ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ୩:୨୯.୬୯ ମିନିଟ୍ ସମୟ ନେଇ ସ୍ୱର୍ଣ୍ଣ ପଦକ ଭାରତ ପାଇଁ ଆଣିଛନ୍ତି। ଜାରି ରହିଥିବା ଏହି ଏସୀୟ କ୍ରୀଡ଼ାରେ ଭାରତର ଏହା ମୋଟ ଷଷ୍ଠ ଏବଂ ୧୦ମ ଦିନର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ।

ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ଏହି କ୍ରୀଡ଼ାରେ ମଙ୍ଗଳବାର ଆଥଲେଟିକ୍ସର ଶେଷ ଦିନ ଥିଲା। ଏହିପରି ଭାବେ ଭାରତ ପାଖରେ ମଧ୍ୟ ଟ୍ରାକ୍ ଏବଂ ଫିଲ୍ଡରେ ଅଧିକରୁ ଅଧିକ ପଦକ ଜିତିବାର ଶେଷ ସୁଯୋଗ ଥିଲା। ବିଶେଷକରି ଭାରତକୁ ଏକ ସ୍ୱର୍ଣ୍ଣ ପଦକର ଆବଶ୍ୟକତା ଥିଲା, ଯାହା ଆଥଲେଟିକ୍ସ ଆରମ୍ଭରୁ ଏପର୍ଯ୍ୟନ୍ତ ଆସି ନଥିଲା। ଭାରତ ୧୯୯୪ ଏସୀୟ କ୍ରୀଡ଼ାରୁ ୨୦୨୩ ପର୍ଯ୍ୟନ୍ତ କ୍ରମାଗତ ଭାବେ ପ୍ରତ୍ୟେକ ଥର ଟ୍ରାକ୍ ଏବଂ ଫିଲ୍ଡରେ ଅନ୍ତତଃ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତି ଆସି ଥିଲା। ଏଭଳି ପରିସ୍ଥିତିରେ ଏହି ଧାରା ଭାଙ୍ଗି ଯିବାର ବିପଦ ମାଡ଼ି ଆସୁ ଥିଲା।

ପୂବମ୍ମା, କିରଣ, ପ୍ରାଚୀ ଏବଂ ବିତ୍ୟାଙ୍କ କମାଲ : ଟ୍ରାକ୍ ଓ ଫିଲ୍ଡରେ ଲଗାତାର ଭାବେ ରୌପ୍ୟ ଓ କାଂସ୍ୟ ପଦକ ଆସୁ ଥିଲା ଏବଂ ଶେଷ ଦିନରେ ମଧ୍ୟ ଏହା ଜାରି ରହି ଥିଲା। ମାତ୍ର ପ୍ରତ୍ୟେକ ଇଭେଣ୍ଟ ସହ ସ୍ୱର୍ଣ୍ଣ ପଦକର ସୁଯୋଗ ହାତଛଡ଼ା ହେଉଥିଲା। ଏହାପରେ ଆସିଥିଲା ପୂରା ସେକେଣ୍ଡ-ଲାଷ୍ଟ ଇଭେଣ୍ଟ, ଯେଉଁଥିରେ ଭାରତର ୪ କନ୍ୟା ଏହି ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ। କିରଣ ଏହି ଫାଇନାଲରେ ଭାରତ ପାଇଁ ଦୌଡ଼ ଆରମ୍ଭ କରିଥିଲେ ଏବଂ ପରେ ପୂବମ୍ମାଙ୍କୁ ବ୍ୟାଟନ୍ ଧରାଇ ଥିଲେ। ୩୬ ବର୍ଷୀୟା ପୂବମ୍ମା ନିଜ ଅଭିଜ୍ଞତାର ପୂରା ବ୍ୟବହାର କରି ଭାରତକୁ ଟପ୍-୩ରେ ପହଞ୍ଚାଇ ଥିଲେ ଏବଂ ଆଗକୁ ଦାୟିତ୍ୱ ପ୍ରାଚୀଙ୍କୁ ଦେଇଥିଲେ। ପ୍ରାଚୀ ଦମଦାର ପ୍ରଦର୍ଶନ କରି ଭାରତକୁ ଦ୍ୱିତୀୟ ସ୍ଥାନକୁ ନେଇ ଆସି ଥିଲେ।

ପ୍ରାଚୀ ଶେଷ ରାଉଣ୍ଡ ପାଇଁ ବ୍ୟାଟନ୍ ବିତ୍ୟା ରାମରାଜଙ୍କୁ ଦେବା କ୍ଷଣି, ସେଠାରୁ ରେସର ମୋଡ଼ ବଦଳି ଯାଇ ଥିଲା। ଗୋଟିଏ ଦିନ ପୂର୍ବରୁ ମହିଳା ୪୦୦ ମିଟର ହର୍ଡଲ୍ସରେ କାଂସ୍ୟ ପଦକ ଜିତିଥିବା ଏବଂ ପି.ଟି. ଉଷାଙ୍କ ବହୁ ପୁରୁଣା ରେକର୍ଡ ଭାଙ୍ଗିଥିବା ବିତ୍ୟା ପୁଣି ନିଜ କମାଲ ଦେଖାଇ ଥିଲେ। ୨୮ ବର୍ଷୀୟା ବିତ୍ୟା ତୁଫାନୀ ଆରମ୍ଭ କରି ପ୍ରଥମ ସ୍ଥାନରେ ଦୌଡୁ ଥିବା ଚୀନର ରନରଙ୍କୁ ପଛରେ ପକାଇ ନଂ-୧ ହୋଇଥିଲେ। ଏହାପରେ ବହରିନର ରନର ତାଙ୍କର ବହୁତ ନିକଟତର ହୋଇ ଥିଲେ, କିନ୍ତୁ ବିତ୍ୟା ତାଙ୍କୁ ଆଗକୁ ଯିବାକୁ ଦେଇ ନଥିଲେ ଏବଂ ଦେଶକୁ ଏକ ସ୍ମରଣୀୟ ସ୍ୱର୍ଣ୍ଣ ପଦକ ଜିତାଇ ଦମ୍ ନେଇଥିଲେ।

## ଏସିଆନ୍ ଗେମ୍ସରେ ଇତିହାସ ରଚିଲେ ନୀରୁ

# ମହିଳା ଟ୍ରାପ୍ ସୁଟିଂରେ ଭାରତକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ ପଦକ

**ଆଇଚି-ନାଗୋୟା**

ସୁଟିଂରେ ଭାରତକୁ ଆଉ ଏକ ସ୍ୱର୍ଣ୍ଣ ପଦକ ମିଳିଛି। ନୀରୁ ଧଣ୍ଡା ଏକ ନୂଆ ଇତିହାସ ଲେଖିଛନ୍ତି। ସେ ମହିଳା ଶଟ୍‌ଗନ୍ ଟ୍ରାପ୍ ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାରେ ଜିତିବାରେ ଭାରତର ପ୍ରଥମ ମହିଳା ଖେଳାଳି ବନିଛନ୍ତି। ନୀରୁ ଫାଇନାଲ୍‌ରେ ୩୦ଟି ସଟ୍ ମଧ୍ୟରୁ ୨୮ଟି ସଟ୍ ବିଲକୁଲ୍ ସଠିକ୍ ଲକ୍ଷ୍ୟଭେଦ କରିଥିଲେ। ଚୀନ୍‌ର ୟୁନଙ୍ଗ୍ ସୁନ୍ ୨୬ ସ୍କୋର ସହ ରୌପ୍ୟ ପଦକ ଜିତିଛନ୍ତି। ଏହା ସହିତ ନୀରୁ ଏସିଆନ୍ ରେକର୍ଡ ମଧ୍ୟ ଭାଙ୍ଗି ଦେଇଛନ୍ତି। ସେ ଚଳିତ ଏସିଆଡ୍‌ର କୌଣସି ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଖେଳାଳି ମଧ୍ୟ ହୋଇଛନ୍ତି।

ନୀରୁଙ୍କ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଏସିଆନ୍ ଗେମ୍ସରେ ଭାରତୀୟ ସୁଟିଂ ପାଇଁ ୩ ବର୍ଷର ଅପେକ୍ଷାର ଶେଷରେ ଅନ୍ତ ଘଟିଛି। ମହିଳା ଶଟ୍‌ଗନ୍ ଟ୍ରାପ୍ ବ୍ୟକ୍ତିଗତ ପ୍ରତିଯୋଗିତା ୧୯୯୦ ମସିହାରେ ଏସିଆନ୍ ଗେମ୍ସର ଅଂଶ ସାଜିଥିଲା, କିନ୍ତୁ ୨୦୨୨ ହାଙ୍ଗଜୋ ଏସିଆନ୍ ଗେମ୍ସ ପର୍ଯ୍ୟନ୍ତ ଭାରତ ଏହି ଇଭେଣ୍ଟରେ ଗୋଟିଏ ବି ପଦକ



ଜିତିପାରି ନଥିଲା। ଆଇଚି-ନାଗୋୟାରେ ନୀରୁ ଏହି ଦୀର୍ଘ ଅପେକ୍ଷାର ଅନ୍ତ କରି ଇତିହାସ ରଚିଛନ୍ତି। ଅର୍ଥାତ୍ ଏହି ପ୍ରତିଯୋଗିତାରେ ଭାରତର ପ୍ରଥମ ପଦକ ସିଧାସଳଖ ସ୍ୱର୍ଣ୍ଣ ପଦକ ରୂପରେ ହିଁ ଆସିଛି।

ନୀରୁଙ୍କ ୨୮ ସ୍କୋର କେବଳ ସ୍ୱର୍ଣ୍ଣ ପଦକ ଜିତିବା ମଧ୍ୟରେ ସୀମିତ ରହିନଥିଲା। ସେ ଏହି ପ୍ରଦର୍ଶନ ସହିତ ଏସିଆନ୍ ରେକର୍ଡ ମଧ୍ୟ ନିଜ ନାମରେ କରିନେଇଛନ୍ତି। ଏହା ପୂର୍ବରୁ ମହିଳା ଟ୍ରାପ୍ ବ୍ୟକ୍ତିଗତ ପ୍ରତିଯୋଗିତାର ଏସିଆନ୍ ରେକର୍ଡ ୨୪ ଅଙ୍କ ଥିଲା। ଚାଇନିଜ୍ ତାଇପେର ୱାନ୍ ୟୁ ଲିୟୁ ୧୯ ଜାନୁଆରୀ ୨୦୨୬ରେ ଏହି ରେକର୍ଡ ସ୍ଥାପନ କରିଥିଲେ। ନୀରୁ ଫାଇନାଲ୍‌ରେ ୨୮ଟି ସଠିକ୍ ଲକ୍ଷ୍ୟ ଲଗାଇ ପୁରୁଣା ରେକର୍ଡରେ ଚାରି ଅଙ୍କର ସୁଧାର କରିଛନ୍ତି।

ମହିଳା ଶଟ୍‌ଗନ୍ ଟ୍ରାପ୍ ଇଭେଣ୍ଟ ପ୍ରଥମ ଥର ପାଇଁ ୧୯୯୦ ମସିହାର ବେଜିଂ ଏସିଆନ୍ ଗେମ୍ସରେ ଖେଳାଯାଇଥିଲା। ସେବେଠାରୁ ୨୦୨୨ ହାଙ୍ଗଜୋ ଏସିଆନ୍ ଗେମ୍ସ ପର୍ଯ୍ୟନ୍ତ ଚୀନ୍, ଜାପାନ, ଉତ୍ତର କୋରିଆ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଲେବାନନ୍‌ର ଖେଳାଳିମାନେ ପଦକ ଜିତିଥିଲେ, କିନ୍ତୁ ଭାରତକୁ ପୋଡିୟମରେ ସ୍ଥାନ ମିଳିନଥିଲା। ବର୍ତ୍ତମାନ ନୀରୁ ଏହି ଇତିହାସକୁ ବଦଳାଇ ଦେଇଛନ୍ତି।

ଭାରତ ପାଇଁ ଏହା ୨୦୨୬ ଏସିଆନ୍ ଗେମ୍ସରେ ସର୍ବମୋଟ୍ ୫ମ ସ୍ୱର୍ଣ୍ଣ ପଦକ ଅଟେ। ଏପର୍ଯ୍ୟନ୍ତ ଭାରତ ପାଇଁ ମହିଳା କ୍ରିକେଟ୍ ଦଳ, ମହିଳା ଓ ପୁରୁଷ କବଡ଼ି ଦଳ, ସୁଟିଂରେ କମଲଜିତ୍ ଓ ସୁରୁଚି ସିଂ ଏବଂ ଏବେ ନୀରୁ ଧଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତର ସର୍ବମୋଟ୍ ପଦକ ସଂଖ୍ୟା ୪୭ରେ ପହଞ୍ଚିଛି।

ନୀରୁଙ୍କ ସ୍ୱର୍ଣ୍ଣ ପଦକ ଚଳିତ ଏସିଆଡ୍‌ରେ ଭାରତ ପାଇଁ ଏଥିପାଇଁ ମଧ୍ୟ ବିଶେଷ ଅଟେ କାରଣ ଏହା ବ୍ୟକ୍ତିଗତ ପ୍ରତିଯୋଗିତାରେ ଦେଶର ପ୍ରଥମ ସ୍ୱର୍ଣ୍ଣ ପଦକ। ଏହା ପୂର୍ବରୁ ଭାରତର ଚାରିଟି ଯାକ ସ୍ୱର୍ଣ୍ଣ ପଦକ ଦଳଗତ (ଟିମ୍) କିମ୍ବା ମିଶ୍ରିତ (ମିକ୍ସଡ୍) ଟିମ୍ ପ୍ରତିଯୋଗିତାରୁ ଆସିଥିଲା। ମହିଳା କ୍ରିକେଟ୍ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା, ପୁରୁଷ କବଡ଼ି ଦଳ ଟାଇଟଲ୍ ନିଜ ନାମରେ କରିଥିଲା, ମହିଳା କବାଡ଼ି ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଏବଂ ସୁଟିଂର ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଟିମ୍ ପ୍ରତିଯୋଗିତାରେ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା, କିନ୍ତୁ ଏହି ସବୁ ପରେ ଏବେ ନୀରୁ ବ୍ୟକ୍ତିଗତ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ଜାତୀୟ କନିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଭାଗନେବେ ବିଶ୍ୱଜିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କଠୋର ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଆଗରେ ହାରମାନିଲା ଦାରିଦ୍ର୍ୟ। ଏହାକୁ ପୁଣି ଥରେ ପ୍ରମାଣ କରିଛନ୍ତି ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଚିପଟଅସ୍ତିଆର ବାସିନ୍ଦା ବିଜୟ ଦାସଙ୍କ ପୁଅ ବିଶ୍ୱଜିତ ଦାସ। ଦାରିଦ୍ରତା ଭିତରେ ପାଠ ପଢିବା ସହିତ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ରାଇରଙ୍ଗପୁର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ୩୬ତମ ପୂର୍ବାଞ୍ଚଳ କନିଷ୍ଠ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ୧୧୦ ମିଟର ହଡଲସ ଓ ଲମ୍ଫ ଡିଆଁରେ କାଂସ୍ୟ ପଦକ ଏବଂ ୪×୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ହାସଲ କରି ଚେନ୍ନାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ବିଶ୍ୱଜିତଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରି ଜାତୀୟ ପ୍ରତିଯୋଗିତାରେ ସଫଳତା କାମନା କରିଛନ୍ତି। ବର୍ତ୍ତମାନ ସେ କେଉଁଝରେ ସ୍ଥିତ କ୍ରୀଡ଼ା ଛାତ୍ରାବାସରେ ରହି +୩ ୧ମ ବର୍ଷର ଛାତ୍ର। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କୋଚ ଦଳନ ଚନ୍ଦ୍ର କୁଁଅର ଦେବ ପ୍ରମୁଖ ଉପସ୍ଥିତ ଥିଲେ।



# ଅଲ୍-ଟାଇମ୍ ଆଇସିସି ରେକର୍ଡ ଭାଙ୍ଗିଲେ ଭାରତୀୟ ବୋଲର ଶ୍ରୀ ଚରଣୀ

**ନୂଆଦିଲ୍ଲୀ**

ଭାରତର ୨୨ ବର୍ଷୀୟା ମହିଳା କ୍ରିକେଟର୍ ଶ୍ରୀ ଚରଣୀ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ର ବୋଲିଂ ର୍‍ୟାଙ୍କିଂରେ ଏକ ନୂଆ ଇତିହାସ ଲେଖିଛନ୍ତି। ଏସିଆ କପ୍ ଏବଂ ଏସିଆନ ଗେମ୍ସରେ ଚମତ୍କାର ବୋଲିଂ ବଳରେ ସେ ୮୧୭ ରେଟିଂ ପଏଣ୍ଟରେ ପହଞ୍ଚିଛନ୍ତି, ଯାହାକି ଏହି ଫର୍ମାଟ୍‌ରେ ଯେକୌଣସି ବୋଲରଙ୍କର ଏପର୍ଯ୍ୟନ୍ତର ସବୁଠାରୁ ସର୍ବୋଚ୍ଚ ରେଟିଂ ପଏଣ୍ଟ ଅଟେ। ଏହାସହ ସେ ଅଷ୍ଟ୍ରେଲିଆର ମେଗାନ୍ ଶଟ୍‌ଙ୍କ ୮୦୬ ପଏଣ୍ଟର ରେକର୍ଡକୁ ଭାଙ୍ଗି ଦେଇଛନ୍ତି, ଯାହା ଗତ ପ୍ରାୟ ଆଠ ବର୍ଷ ହେବ ବଜାୟ ରହିଥିଲା। ଶ୍ରୀ ଚରଣୀ ସାମ୍ପ୍ରତିକ ସମୟରେ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଏହି କାରାନାମା କରିବାରେ ସଫଳ ହୋଇଛନ୍ତି।



ଭାରତକୁ ୮ମ ଥର ପାଇଁ ଏସିଆ କପ୍ ଜିତାଇବାରେ ଶ୍ରୀ ଚରଣୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେଉଁଠାରେ ସେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ୧୨ ୱିକେଟ୍ ନେଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲ୍ ମ୍ୟାଚ୍‌ରେ ସେ ଚମତ୍କାର ବୋଲିଂ କରି ୨୦ ରନ୍ ଦେଇ ୪ଟି ୱିକେଟ୍ ନେବାର ସଫଳ ହୋଇଥିଲେ, ଯାହା ବଦଳରେ ଭାରତ ଏହି ମ୍ୟାଚ୍‌କୁ ୭୨ ରନ୍‌ରେ ଜିତି ଟ୍ରଫି ନିଜ ନାମରେ କରିଥିଲା।

ଏହାସହିତ ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁଠାରୁ ଅଧିକ ଟି୨୦ ଅନ୍ତର୍ଜାତୀୟ ୱିକେଟ୍ ନେଇଥିବା ଭାରତୀୟ ବୋଲର ମଧ୍ୟ ହୋଇଯାଇଛନ୍ତି। ଚରଣୀ ଚଳିତ ବର୍ଷ ଏପର୍ଯ୍ୟନ୍ତ ୩୯ଟି ୱିକେଟ୍ ହାସଲ କରିସାରିଛନ୍ତି।

ଆଇସିସି ଟି୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଂରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ରେଟିଂ ହାସଲ କରିଥିବା ମହିଳା ବୋଲର : ଶ୍ରୀ ଚରଣୀ (ଭାରତ)-୮୧୭, ମେଗାନ୍ ଶଟ୍ (ଅଷ୍ଟ୍ରେଲିଆ)-୮୦୬, ସୋଫି ଏକ୍କ୍ଲେଷ୍ଟୋନ୍ (ଇଂଲଣ୍ଡ)-୮୦୨, ଶବନୀମ୍ ଇସମାଇଲ୍ (ସାଉଥ୍ ଆଫ୍ରିକା)-୭୮୧, ଶେଲି ନିଟ୍ସ୍‌କେ (ଅଷ୍ଟ୍ରେଲିଆ)-୭୮୦।

ମହିଳା ଟି୨୦ ଅନ୍ତର୍ଜାତୀୟ ବୋଲରମାନଙ୍କ ର୍‍ୟାଙ୍କିଙ୍ଗରେ ସବୁଠାରୁ ଅଧିକ ରେଟିଂ ପଏଣ୍ଟ ହାସଲ କରିବାର ରେକର୍ଡ ବର୍ତ୍ତମାନ ଶ୍ରୀ ଚରଣୀଙ୍କ ନାମରେ ହୋଇଯାଇଛି। ଏହାପରେ ମେଗାନ୍ ଶୁଟ୍ ୮୦୬ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଇଂଲଣ୍ଡର ସୋଫି ଏକ୍କ୍ଲେଷ୍ଟୋନ୍ ୮୦୨ ରେଟିଂ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି।

ଆଇସିସି ବୋଲରମାନଙ୍କ ଟି୨୦ ର୍‍ୟାଙ୍କିଙ୍ଗରେ ଭାରତୀୟ ଖେଳାଳିଙ୍କ ଦବ୍‌ଦବା ବଜାୟ ରହିଛି। ଦୀପ୍ତି ଶର୍ମା ଦମ୍‌ଦାର ପ୍ରଦର୍ଶନ ସହ ଦ୍ୱାରା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କର ୭୫୪ ପଏଣ୍ଟ ରହିଛି। ଟି୨୦ ବ୍ୟାଟ୍ସମ୍ୟାନ ମାନଙ୍କ ତାଲିକାରେ ଟିମ୍ ଇଣ୍ଡିଆର ଓପନର୍ ସ୍ମୃତି ମନ୍ଧାନାଙ୍କୁ ଫାଇଦା ମିଳିଛି। ସେ ଟପ୍-୫ ମଧ୍ୟକୁ ଆସି ଯାଇଛନ୍ତି। ତାଙ୍କର ୭୫୪ ପଏଣ୍ଟ ହୋଇଯାଇଛି। ବର୍ତ୍ତମାନ ସମୟରେ ସେ ୫ମ ସ୍ଥାନରେ ଅଛନ୍ତି। ମନ୍ଧାନା ଏସିଆନ ଗେମ୍ସରେ ଭଲ ପ୍ରଦର୍ଶନ କରିଥିଲେ। ତାଙ୍କ ଆଗରେ ୪ର୍ଥ ସ୍ଥାନରେ ଶେଫାଳୀ ବର୍ମା ରହିଛନ୍ତି। ଅଷ୍ଟ୍ରେଲିଆର ଦିଗ୍ଗଜ ବ୍ୟାଟ୍ସମ୍ୟାନ୍ ବେଥ୍ ମୁନି ଏହି ତାଲିକାର ଶୀର୍ଷରେ ରହିଛନ୍ତି।

## ସାହାଣୀ କପ୍ ଫୁଟବଲ୍ : ଷଷ୍ଠ ଦିବସ

# ପ୍ରଥମ ମ୍ୟାଚ୍‌ରେ କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ ଖୋର୍ଦ୍ଧାର ବିପୁଳ ବିଜୟ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୬୫ତମ ସାହାଣୀ କପ୍ ଫୁଟବଲ୍ ସୁବର୍ଣ୍ଣପୁର ଜୋନ୍‌ର ପ୍ରଥମ ମ୍ୟାଚ୍‌ରେ ନୟାଗଡ଼କୁ ୭-୦ ଗୋଲରେ ହରାଇ କଟକ ଦଳ ବିଜୟୀ ହୋଇଛି। ପ୍ରବୀର ଦାସ ୧୬, ୪୨ ଓ ୪୪ ମିନିଟ୍‌ରେ ୩ଟି ଗୋଲ ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଗଣେଶ ସେଠି ୬୫ ଓ ୮୨ ମିନିଟ୍‌ରେ ୨ଟି ଗୋଲ ସ୍କୋର କରିଥିଲେ । ୩୯ ମିନିଟ୍‌ରେ ଶଙ୍କର ଶେଖର ହେମ୍ବ୍ରମ, ୮୦ ମିନିଟ୍‌ରେ ବାବୁଲୁ ସିଂ ଗୋଟାଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମଙ୍ଗଳବାରର ଖେଳକୁ ମୁଖ୍ୟ ରେଫରି ଭାବେ ଜିତେନ୍ଦ୍ର ଥନାପତି, ଧନେଶ୍ୱର ସର୍ଦ୍ଦାର, ସୁନୀଲ ବେହେରା, ଅରୁଣ କୁମାର ନାୟକ ଓ ମ୍ୟାଚ୍ କମିଶନର ଭାବେ ନବୀନ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମ୍ୟାଚ୍‌କୁ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ



ନିର୍ଦ୍ଦେଶକ ଡା ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଂଜନ ଦାସ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ଜିଲ୍ଲା ଓକିଲ ସଂଘ ସଂପାଦକ ପ୍ରୀୟଜିତ ମିଶ୍ର, ଜିଲ୍ଲା ବଣିକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସଂପାଦକ ଗୁଣନିଧି ମେହେର, ଜିଲ୍ଲା ଟ୍ରାକ୍ଟର ସଂଘ ସଭାପତି ଶିବ ନାରାୟଣ ବହିଦାର, ସଂପାଦକ କୌଶଳେଶ୍ୱର ବହିଦାର, କେଶିଆର ପଦ୍ମନାଭ ମିଶ୍ର, ଟ୍ରକ୍ ୟୁନିଅନ ସଭାପତି ସୁମନ ଦାଶ, ସ୍ୱଚ୍ଛ ଭାରତ ସଙ୍ଗଠନ ସଭାପତି ସାୟାଦ ଅଲିମୁଲ ଇସଲାମ୍, ବଲାଙ୍ଗୀର କ୍ରୀଡ଼ା ସଂଘ ସଦସ୍ୟ ବିଭୂତି ଭୂଷଣ ମିଶ୍ର, ରାଜ୍ୟ ଯୁବ ବିଜେଡ଼ି ଉପ ସଭାପତି ଶାଶ୍ୱତ ମିଶ୍ର, ଛାତ୍ର ବିଜେଡ଼ି ସଭାପତି ଅଭିଷେକ ଶର୍ମା, ଜିଲ୍ଲା ଠିକାଦାର ସଂଘ ସଭାପତି ଜୟ ମାଧବ ମିଶ୍ର, ଟାଉନ୍ ବିଜେଡ଼ି ସଭାପତି ଜନ୍ମ ଜୟ ପାତ୍ର, ବରଗଡ଼ ପୋଲିସ ହାବିଲଦାର ସଂଘ ସଭାପତି ସନତ ହୋତା ଯୋଗ ଦେଇଥିଲେ। ସେହିପରି ମଙ୍ଗଳବାରର ଦ୍ୱିତୀୟ ମ୍ୟାଚ୍‌ରେ ୪-୦ ଗୋଲରେ ଗଞ୍ଜାମକୁ ହରାଇ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଖୋର୍ଦ୍ଧା ଦଳର କୁମାର ସତ୍ୟବ୍ରତ ସାହୁ ପ୍ରଥମ ଗୋଲ ସ୍କୋର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଜଳ ଧର ନାୟକ, ଅଶ୍ୱିନୀ ଦୁମ୍ ଦୁମ୍ ଗୋଟାଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଚତୁର୍ଥ ଗୋଲ୍‌ଟି ଆତ୍ମଘାତୀ ଗୋଲ୍ ଥିଲା। ଦେବାଶିଷ ବାଗ, ନୀତିଶ ମାଝୀ, ଅଶ୍ୱିନୀ କୁମାର ସାହୁ, ଅରୁଣ କୁମାର ନାୟକ ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଫାଓ ର ଅଫିସିଆଲ୍ ରମେଶ ଚନ୍ଦ୍ର ମଲ୍ଲିକ, ଅମରେନ୍ଦ୍ର ସିଂହ ଯୋଗ ଦେଇ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲ୍ଲା ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପରିଷଦ ରାୟଗଡ଼ା ଆନୁକୂଲ୍ୟରେ ଶୁକ୍ରବାର 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ରାୟଗଡ଼ ବ୍ଲକ ହାଲୁଆ ଗ୍ରାମ ପଞ୍ଚାୟତର ଉପରଶାଙ୍କେଶ ନିକଟସ୍ଥ ପର୍ଯ୍ୟଟନ ସ୍ଥଳୀଠାରେ ବୃକ୍ଷ ରୋପଣ କରାଯାଇଥିଲା। ରାୟଗଡ଼ ଜିଲ୍ଲାପାଳ ନିଜ ମାଁ ସୁପ୍ରିୟା କୁଲକର୍ଣ୍ଣିଙ୍କ ନାମରେ



ଗଛଟିଏ ରୋପଣ କରିଥିଲେ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ରାୟଗଡ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲ, ଉପଜିଲ୍ଲାପାଳ ମୃଣାଳିକା ରାଠୋଡ, ବନ ବିଭାଗର ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରାୟଗଡ଼ ବ୍ଲକର ଅଧ୍ୟକ୍ଷା ଟୁନି ହୁଇକା ପ୍ରମୁଖ ଚାରା ରୋପଣ କରିଥିଲେ।

GOVERNMENT OF ODISHA. DEPARTMENT OF WATER RESOURCES
32001/947/2627
OFFICE OF THE ADDITIONAL CHIEF ENGINEER
MECHANICAL CIRCLE, HIRAKUD, DIST.: SAMBALPUR, ODISHA, PIN-768016
Email: semech-eicwr.od@od.gov.in.
E-Procurement Notice- B.I. No. ACEMC/MDHKD: 06/2026-27

1. Name of the Work : Mechanical Gate Works.
2. No. of Work : 06 (Fire) Nos.
3. Category of executors : SSI Units registered under DIC/NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:06/2026-27
5. Estimated Cost : Between 10Lakh to 13Lakh (Excluding GST)
6. Period of Completion : Two Calendar Months.
7. Date & time of availability of bid documents in the Portal : From dt.08.10.2026 (10.00AM) to dt.26.10.2026 (5.30PM)
8. Last date/time for receipt of bid in the Portal : dt.26.10.2026 (up to 5.30 PM)
9. Date and place of opening of bid : dt.27.10.2026, 11.30 AM onwards in 0/0 the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal https://tendersodisha.gov.in
OIPR-32001/32344/1/26-27/0003 Sd/- Additional Chief Engineer

FOREST DEPARTMENT
8001/345/2627
OFFICE OF THE DIVISIONAL FOREST OFFICER,
BARIPADA FOREST DIVISION
e-mail – dfo.baripada@odisha.gov.in.
Government of Odisha "e" Procurement Notice
Bid Identification No : DFO-BPD-01/2026-27

1. Number of works – 2 (Two number of works)
2. Approximate estimated cost: - 6.86 lakh to 9.76 lakh
3. Period of Completion: - 90 (Ninety) days.
4. Date & Time of availability of bid documents in the portal :- Dt.03.10.2026 to 15.10.2026
5. Last Date / Time of receipt of bid in the portal :- Dt.15.10.2026 up to 5.00 PM
6. Date of Opening of bid :- Dt.16.10.2026 at 11.00 AM
7. Name & address of the Office inviting bid:- O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001.

Further details can be seen from the e-procurement portal http://www.tendersodisha.gov.in
Sd/- Divisional Forest Officer
Baripada Forest Division
OIPR-8001/8065/1/26-27/0001

GOVERNMENT OF ODISHA
25001/1220/2627
OFFICE OF THE SUPERINTENDING ENGINEER
RURAL WORKS DIVISION, JAGATSINGHPUR
1st Corrigendum

Corrigendum to Tender Online 04 of 2026-27 invited by the Executive Engineer, Rural Works Division, Jagatsinghpur vide letter No.6517 dtd.10.09.2026. The critical date has been changed are as follows due to unavoidable circumstances.

New Critical dates : -

| | | | |
|---|---|---|---|
| Published Date | 03-10-2026 11:00 | Bid Opening Date | 13-10-2026 11:00 |
| Document Download / Sale Start Date | 03-10-2026 11:30 | Document Download / Sale End Date | 12-10-2026 17:00 |
| Clarification Start Date | 03-10-2026 11:30 | Clarification End Date | 09-10-2026 15:00 |
| Bid Submission Start Date | 03-10-2026 11:30 | Bid Submission End Date | 12-10-2026 17:00 |

Revised Estimated Cost Rs. in lakh
Sl.No. 05 of NIT - Rs.40.33 lakh
Sl.No. 06 of NIT - Rs.40.33 lakh
Sl.No. 07 of NIT - Rs.26.89 lakh
Sl.No. 08 of NIT- Rs.27.69 lakh
All other terms & condition are remained unchanged.

Sd/- Executive Engineer
Rural Works Division, Jagatsinghpur
OIPR-25001/25056/1/26-27/0010

# ଓଡ଼ିଶା ଟି-୨୦ ଲିଗ୍‌ରେ ମହିଳା ବ୍ଲୁର ଦମ୍‌ଦାର ବିଜୟ, ଗ୍ରୀନ୍‌କୁ ୭ ୱିକେଟ୍‌ରେ ହରାଇଲା

**କଟକ, ନ୍ୟୁଜ୍‌ବ୍ୟୁରୋ**

ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଏକ୍ସିବିସନ୍ ମ୍ୟାଚ୍‌ରେ ଓସିଏ ମହିଳା ବ୍ଲୁ ଦମ୍‌ଦାର ପ୍ରଦର୍ଶନ କରି ଓସିଏ ମହିଳା ଗ୍ରୀନ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି। ମଙ୍ଗଳବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଏହି ପ୍ରଦର୍ଶନୀ ମ୍ୟାଚ୍ ଆୟୋଜିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓସିଏ ମହିଳା ଗ୍ରୀନ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ମାତ୍ର ୧୦ ରନ୍‌ରେ ୩ ୱିକେଟ୍ ହରାଇ ଦଳ ଆରମ୍ଭରୁ ସଙ୍କଟରେ ପଡ଼ିଥିଲା। ଏହାପରେ ତନ୍ମୟୀ ବେହେରା ଓ ସଙ୍ଗୀତା ଖଡ଼ିଆ ପାଳି ସମ୍ଭାଳିଥିଲେ। ଉଭୟ ଚତୁର୍ଥ ୱିକେଟ୍‌ରେ ୩୫ ରନ୍ ଯୋଡ଼ିଥିଲେ। ତନ୍ମୟୀ ୧୫ ବଲ୍‌ରୁ ୨୧ ରନ୍ କରି ଆଉଟ୍ ହୋଇଥିଲେ। ସଙ୍ଗୀତା ଖଡ଼ିଆ ଦଳର ସ୍କୋର୍‌କୁ ଆଗକୁ ନେଇଥିଲେ। ତେବେ ସେ ୩୩ ବଲ୍‌ରୁ ୩୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ପରେ ମୋନାଲିଶା ରାଉତ ଓ ବିଜୟଲକ୍ଷ୍ମୀ ବେହେରା ଗୁରୁତ୍ୱପୂର୍ଣ୍ଣ ରନ୍ ସଂଗ୍ରହ କରି ଗ୍ରୀନ୍‌ର ସ୍କୋର୍‌କୁ ୧୦୦ ରନ୍ ପାର କରାଇଥିଲେ। ମୋନାଲିଶା ୨୮ ବଲ୍‌ରୁ ୨୫ ଏବଂ ବିଜୟଲକ୍ଷ୍ମୀ ୨୩ ବଲ୍‌ରୁ ୧୭ ରନ୍ କରିଥିଲେ। ବ୍ଲୁ ପକ୍ଷରୁ ଜିଏମ୍ ଆଲକନନ୍ଦା ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୨ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ୧୧୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ବ୍ଲୁ ଭଲ ଆରମ୍ଭ କରିଥିଲା। ଆଲିସ୍ସା ବିଶ୍ୱାଳ ଓ ଶିକ୍ଷା ସ୍ୱାଇଁଙ୍କ ମଧ୍ୟରେ ପ୍ରଥମ ୱିକେଟ୍‌ରେ ୬୮ ରନ୍‌ର ଭାଗୀଦାରି ହୋଇଥିଲା। ପ୍ରଥମ ୧୦ ଓଭରରେ ଉଭୟ ଦଳର ସ୍କୋରକୁ ମଜବୁତ ସ୍ଥିତିରେ ପହଞ୍ଚାଇଥିଲେ। ଶିକ୍ଷା ୩୧ ବଲ୍‌ରୁ ୨୬ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ଲୁ ଆଉ ୨ଟି ୱିକେଟ୍ ହରାଇଥିଲେ ମଧ୍ୟ ଦଳର ବିଜୟ ଉପରେ କୌଣସି ପ୍ରଭାବ ପଡ଼ିନଥିଲା। ଶେଷ ଓଭରରେ ବ୍ଲୁ ବିଜୟ ହାସଲ କରିଥିଲା। ପ୍ରଜ୍ଞାନ ପି. ମହାନ୍ତି ୩୨ ବଲ୍‌ରୁ ୨୭ ରନ୍ କରି ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍ ପରେ ବ୍ଲୁ ଦଳର ଅଧିନାୟକ ସୁଭ୍ରା ସ୍ୱାଇଁ କହିଥିଲେ, ଦଳ ଯେଉଁ ଯୋଜନା କରିଥିଲା, ସେହି ଅନୁସାରେ ଖେଳିବାରେ ସଫଳ ହୋଇଛି। ଦଳର ପ୍ରତ୍ୟେକ ସଦସ୍ୟ ନିଜ ଭୂମିକାକୁ ଦାୟିତ୍ୱର ସହ ପାଳନ କରିଥିବାରୁ ଏହା ଏକ ସମ୍ପୂର୍ଣ୍ଣ ଦଳଗତ ପ୍ରଦର୍ଶନ ଥିଲା। ମହିଳା କ୍ରିକେଟର ମାନଙ୍କ ପାଇଁ ଏଭଳି ମଞ୍ଚ ପ୍ରଦାନ କରିଥିବାରୁ ସେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଆହୁରି ଏଭଳି ସୁଯୋଗ ମିଳିବ ବୋଲି ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଏହା ଏକ ପ୍ରଦର୍ଶନୀ ମ୍ୟାଚ୍ ହୋଇଥିଲେ ମଧ୍ୟ ଦଳ ଏହାକୁ



ଏକ ପ୍ରତିଯୋଗିତାମୂଳକ ମ୍ୟାଚ୍ ଭଳି ଖେଳିଥିଲା। ମ୍ୟାଚ୍‌କୁ ପ୍ରଦର୍ଶନୀ ଖେଳ ଭାବେ ନେଇନଥିଲେ ବୋଲି ସେ କହିଥିଲେ। ଏହି ମ୍ୟାଚ୍‌ରେ ଚମତ୍କାର ବୋଲିଂ ପାଇଁ ଜିଏମ୍ ଆଲକନନ୍ଦାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶାରେ ପ୍ରଥମ ସର୍ବଭାରତୀୟ ମହିଳା ଗଲ୍ଫ ଟୁର୍ଣ୍ଣାମେଣ୍ଟ : ଉଦ୍‌ଘାଟନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର**

ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି ସର୍ବଭାରତୀୟ ମହିଳା ଓପନ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ। ଏହି ୨ ଦିନିଆ ଟୁର୍ଣ୍ଣାମେଣ୍ଟରେ ଭାରତର ୭୨ ଜଣ ମହିଳା ଗଲ୍ଫ ଖେଳାଳି ସାମିଲ ହୋଇଛନ୍ତି। ୪୩ ବର୍ଷ ପରେ ସର୍ବଭାରତୀୟ ସ୍ତରରେ ଏଭଳି ଟୁର୍ଣ୍ଣାମେଣ୍ଟ ହେଉଛି। ଫିକି ଲେଡିଜ୍ ଅର୍ଗାନାଇଜେସନ୍ (ଏଫଆଇସିସିଆଇ ଏଫଏଲଓ) ଭୁବନେଶ୍ୱର ଗଲ୍ଫ କ୍ଲବ୍‌ଠାରେ ଏହି ଅଲ୍ ଇଣ୍ଡିଆ ଲେଡିଜ୍ ଓପନ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି। ଭୁବନେଶ୍ୱରରେ ଦୁଇ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଥିବା ବେଳେ ପ୍ରଥମ ଦିନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି।

ଓଡ଼ିଶାରେ ଏହି ଧରଣର ଟୁର୍ଣ୍ଣାମେଣ୍ଟ ପ୍ରଥମ ହୋଇଥିବା ବେଳେ ଭାରତର ୧୭ଟି ସହରରୁ ୨୦ରୁ ୭୯ ବର୍ଷ ବୟସର ୭୨ ଜଣ ମହିଳା ଗଲ୍ଫ ଖେଳାଳି ସାମିଲ ହୋଇଛନ୍ତି। ଓଡ଼ିଶାରୁ ୨୦ ଜଣ ଗଲ୍ଫ ଖେଳାଳିଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ୫୨ ଜଣ ଗଲ୍ଫ ଖେଳାଳି ଏଥିରେ ସାମିଲ ହୋଇ ନିଜ



କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି। ବୟସକୁ ମାତ୍ ଦେଇ ମହିଳାମାନେ ଆୟୋଜନ କରୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଗଲ୍ଫ ଖେଳାଳିମାନେ ବେଶ୍ ଉତ୍ସାହର ସହ ଖେଳୁଥିବା ବେଳେ, ଓଡ଼ିଶାରେ ପ୍ରଥମ ଥର ପାଇଁ ଖେଳି ବେଶ୍ ଉତ୍ସାହିତ ଥିବା ଓ ନୂଆ ଅନୁଭୂତି ନେଉଥିବା କହିଛନ୍ତି।

ବିଶେଷ କରି ମହିଳାମାନଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରତିପାଦିତ କରିବା ଏବଂ ଓଡ଼ିଶାକୁ ଗଲ୍ଫ ଓ କ୍ରୀଡ଼ା ପର୍ଯ୍ୟଟନର ଏକ ଉଦୀୟମାନ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଉଦ୍ଦେଶ୍ୟ। ଏଠାରେ କେବଳ କ୍ରୀଡ଼ା ନୁହେଁ, ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକକୁ ଭାରତର କୋଣଅନୁକୋଣରେ ପହଞ୍ଚାଇବା ଏବଂ ଖେଳାଳିମାନଙ୍କୁ ଏହାର ବିଶାଳତା ବିଷୟରେ ଜଣାଇବା ପାଇଁ ଏଫଆଇସିସିଆଇ ଏଫଏଲଓ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରିଛି। ଏଠାରେ ଓଡ଼ିଶାର ପିପିଲି ଚାନ୍ଦୁଆଠାରୁ ଆରମ୍ଭ କରି ତାରକସୀ କାରୁକାର୍ଯ୍ୟ, ବିଭିନ୍ନ ପ୍ରକାର ହସ୍ତତନ୍ତ ଶାଢ଼ୀ ଓ ହସ୍ତଶିଳ୍ପ ଅଳଙ୍କାର ପ୍ରଦର୍ଶିତ ହୋଇଛି।

'କ୍ରୀଡ଼ା ସହ ଆମ ସଂସ୍କୃତି ଓ ପରମ୍ପରାର ଝଲକ ଏଠାରେ ଦେଖିବାକୁ ମିଳୁଥିବା ବେଳେ ଖେଳାଳିମାନେ ଆମ ପରିବେଶରେ ଖେଳିବାର ଏକ ଭଲ ଅନୁଭୂତି ନେଇ ଯିବା ସହ ଓଡ଼ିଶା ବିଷୟରେ ଅଧିକ ଜାଣିପାରିବେ,' ବୋଲି କହିଛନ୍ତି ଏଫଆଇସିସିଆଇ ଏଫଏଲଓ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷା ବିୟୋତ୍ ପ୍ରଜ୍ଞା ତ୍ରିପାଠୀ। ଏହାର ଉଦ୍‌ଘାଟନ କରି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, 'ପ୍ରଥମ ଥର ପାଇଁ ଓଡ଼ିଶାରେ ସର୍ବଭାରତୀୟ ସ୍ତରର ଏଭଳି ଟୁର୍ଣ୍ଣାମେଣ୍ଟ ରାଜ୍ୟ ପାଇଁ ନୂଆ ଅନୁଭୂତି ଆଣିବା ସହ ଏକ ଗୌରବମୟ ଇତିହାସ ସୃଷ୍ଟି କରିଛି। ଆମ ମାଟିକୁ ଆସି ଭାରତର ବଛା ବଛା ପ୍ରତିଭାବାନ ଖେଳାଳିମାନେ ଖେଳୁଥିବାରୁ ଗଲ୍ଫ ବିଷୟରେ ଜାଣିବା ଓ ଏହାର ଭବିଷ୍ୟତକୁ ନେଇ କ'ଣ ସୁନିଶ୍ଚିତତା ରହିଛି ସେ ନେଇ ଓଡ଼ିଶାର ଖେଳାଳିମାନେ ଜାଣିପାରିବେ। ଯାହାଦ୍ୱାରା ଏହି କ୍ରୀଡ଼ା ଦିଗରେ ନୂଆ ଖେଳାଳି ସୃଷ୍ଟି ହେବା ସହ ଗଲ୍ଫର ଏକ ନୂଆ ଠିକଣା ହୋଇପାରିବ ଓଡ଼ିଶା। ତେଣୁ ଏହି କ୍ରୀଡ଼ାକୁ ଓଡ଼ିଶାରେ ଆହୁରି ଅଧିକ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ କରିବେ। ଏପରିକି ଆବଶ୍ୟକତା ଅନୁସାରେ ଏହାଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ମହିଳାମାନେ ଆୟୋଜନ କରନ୍ତୁ, ଏଥିପାଇଁ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବେ।'

ଅନ୍ୟପଟେ ଏହି ପଦକ୍ଷେପ ମାଧ୍ୟମରେ ଏଫଆଇସିସିଆଇ ଏଫଏଲଓ ଏକ ସଜୀବ ମଞ୍ଚ ସୃଷ୍ଟି କରିବାକୁ ଚାହୁଁଛି, ଯେଉଁଠାରେ କ୍ରୀଡ଼ା, ପର୍ଯ୍ୟଟନ ଓ ମହିଳା ଉଦ୍ୟମିତା ଏକାଠି ହୋଇପାରିବ। ଟୁର୍ଣ୍ଣାମେଣ୍ଟ ସହିତ ଏକ ସ୍ୱତନ୍ତ୍ର ରଖଡ଼ ହସ୍ତତନ୍ତ ଓ ହସ୍ତଶିଳ୍ପ ବଜାର ମଧ୍ୟ ଆୟୋଜିତ ହୋଇଛି। ଏହା ମାଧ୍ୟମରେ ମହିଳା ଉଦ୍ୟୋଗୀ ଓ କାରିଗରମାନେ ଜାତୀୟ ସ୍ତରର ଏକ ବିଶାଳ ଦର୍ଶକମଣ୍ଡଳୀ ସମ୍ମୁଖରେ ଓଡ଼ିଶାର ବସ୍ତ୍ର, ହସ୍ତଶିଳ୍ପ ଓ ସୃଜନଶୀଳ ଉଦ୍ୟମଗୁଡ଼ିକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଏହି ଆୟୋଜନ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଆତିଥେୟତା ଓ ପର୍ଯ୍ୟଟନର ବ୍ୟାପକ ସମ୍ଭାବନାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଏଥିସହିତ ଅଂଶଗ୍ରହଣ କାରୀ, ଉଦ୍ୟୋଗୀ ଓ ଶିଳ୍ପ ଜଗତର ବ୍ୟବସାୟିକ ସହଯୋଗର ସୁଯୋଗ ସୃଷ୍ଟି କରାଯିବ।

"ଏହି ଟୁର୍ଣ୍ଣାମେଣ୍ଟ କେବଳ ଗଲ୍ଫକୁ ନେଇ ନୁହେଁ, ଏହା ମହିଳାମାନଙ୍କ ପାଇଁ କ୍ରୀଡ଼ା, ଉଦ୍ୟମିତା ଓ ନେତୃତ୍ୱ କ୍ଷେତ୍ରରେ ନୂଆ ଦ୍ୱାର ଖୋଲିବା ସହିତ ଓଡ଼ିଶାକୁ କ୍ରୀଡ଼ା ପର୍ଯ୍ୟଟନର ଏକ ଗତିଶୀଳ ଗନ୍ତବ୍ୟସ୍ଥଳ ଭାବେ ଉପସ୍ଥାପନ କରିବାର ଏକ ପ୍ରୟାସ।" କହିଛନ୍ତି ଏଫଆଇସିସିଆଇ ଏଫଏଲଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ବିୟୋତ୍ ପ୍ରଜ୍ଞା ତ୍ରିପାଠୀ।

ଭୁବନେଶ୍ୱର, ୩୦ ସେପ୍ଟେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ପୁଣି ପୁରୀ ଖଜା ଉପରେ ରେଡ୍: ବାସି ଶିରା, ନିମ୍ନମାନର ଘିଅ-ତେଲ ଜବତ



**ପୁରୀ, ୨୯/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଆଖପାଖରୁ ଖଜା କିଣୁଥିଲେ ସାବଧାନ ! ଆପଣଙ୍କୁ ମିଳିପାରେ ନିମ୍ନମାନର ଖଜା । ଯାହାକୁ ବାସି ଶିରା, ନିମ୍ନମାନର ଘିଅ, ତେଲରେ ପ୍ରସ୍ତୁତ କରାଯାଉଛି । ମଙ୍ଗଳବାର ସକାଳୁ ଶ୍ରୀମନ୍ଦିର ନିକଟ କାକୁଡି ଖାଇ ଛକ ନିକଟରେ ଥିବା ଖଜା ଦୋକାନ ଉପରେ ଚଢଉ କରାଯାଇଥିଲା। ପୁରୀ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଚଢଉ ସମୟରେ ଅନେକ ଖଜା ଗୋଦାମରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଖଜା ପ୍ରସ୍ତୁତ ହେଉଥିବା ନଜରକୁ ଆସିଛି । ଖଜା ପ୍ରସ୍ତୁତିରେ ବାସି ଶିରା, ନିମ୍ନମାନର ଘିଅ, ତେଲ ବ୍ୟବହାର ହେଉଥିଲା । ଏସବୁକୁ ଜବତ କରିଛି ପୋଲିସ । ଖଜା ବ୍ୟବସାୟୀମାନେ ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସ ନେଇଛନ୍ତି କି ନାହିଁ ତାହା ପୋଲିସ ଯାଞ୍ଚ କରିଛି। ପୁରୀ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, 'ଅତି ନିମ୍ନ ମାନର ଖଜା ପ୍ରସ୍ତୁତ କରାଯାଇ ଭକ୍ତ ଓ ପର୍ଯ୍ୟଟକଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ଆସିଛି । ଏଣୁ ଖଜା ପ୍ରସ୍ତୁତ ହେଉଥିବା ଗୋଦାମ ଉପରେ ଆମେ ଚଢ଼ଉ କରିଛୁ । ଅନେକ ବ୍ୟବସାୟୀ ବିନା ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସରେ ବେଆଇନ ଭାବେ ଖଜା ବ୍ୟବସାୟ କରୁଥିବା ଜଣାପଡିଛି । ଏହି ନିମ୍ନ ମାନର ଖଜାକୁ ଆମେ ଜବତ କରିଛୁ । ବିନା ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସରେ ଖଜା ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।' ଗତ ଦୁଇ ସପ୍ତାହ ତଳେ କିଛି ଖଜା ଦୋକାନ ଉପରେ ପୋଲିସ ରେଡ୍ କରିଥିଲା । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଖଜା ପ୍ରସ୍ତୁତ ହେଉଥିଲା । ଯେଉଁଥିରେ ଅତି ନିମ୍ନ ମାନର ଘିଅ, ତେଲ ବ୍ୟବହାର କରାଯାଉଥିଲା । ସେ ସମୟରେ ପୋଲିସ ୪ କ୍ୱିଣ୍ଟାଲ ଖଜା ଜବତ କରିଥିଲା। ବିନା ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସରେ ବ୍ୟବସାୟ ଚାଲିଥିବାରୁ ପୁରୀ ମହାନଗର ନିଗମ ପକ୍ଷରୁ ଜରିମାନା କରାଯାଇଥିଲା । ପ୍ରତ୍ୟେକ ଦିନ ପୁରୀକୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସୁଛନ୍ତି । ପୁରୀର ପ୍ରସିଦ୍ଧ ଖଜା କିଣି ଘରକୁ ନେଉଛନ୍ତି । ତେଣୁ ଖଜା ବହୁଳ ପରିମାଣରେ ବିକ୍ରି ହେଉଛି । ଏଣୁ କିଛି ଅସାଧୁ ବ୍ୟବସାୟୀ ଅତି ନିମ୍ନ ମାନର ଘିଅ, ତେଲରେ ଖଜା ପ୍ରସ୍ତୁତ କରି ଅଧିକ ଲାଭ ଆଶାରେ ବିକ୍ରି କରୁଛନ୍ତି । ଏହି ଖଜା ଖାଇଲେ ଦେହ ଅସୁସ୍ଥ ହେବାର ସମ୍ଭାବନା ରହିଛି । ଏନେଇ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ ହେବା ପରେ ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ବିଭିନ୍ନ ଖଜା ଦୋକାନ ଓ ଗୋଦାମ ଉପରେ ଚଢଉ କରାଯାଇଛି । ବେଆଇନ ଭାବେ ଖଜା ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୁରୀ ଏସପି ନିର୍ଦ୍ଦେଶ ଦେଇଛନ୍ତି ।

# ଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ

**କଟକ, ୨୯/୦୯ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାରେ ଏଲିମେଣ୍ଟାରି କ୍ୟାଡର ଶିକ୍ଷକଙ୍କ ଲେଭେଲ୍-୪ରୁ ଲେଭେଲ୍-୩କୁ ପଦୋନ୍ନତି ପ୍ରକ୍ରିୟା ଉପରେ ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଛନ୍ତି। ଆସନ୍ତା ନଭେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ କୌଣସି ପଦୋନ୍ନତି ଆଦେଶ ଜାରି ନ କରିବାକୁ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କଣ୍ଟାପଡ଼ା ବ୍ଲକର ଶିକ୍ଷକ ଅଶୋକ ମହାପାତ୍ରଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାରେ ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, ଆବେଦନକାରୀ ଅଶୋକ ମହାପାତ୍ର ୨୦୦୧ ମସିହା ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ସେ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟରେ ଲେଭେଲ୍-୪ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ୨୦୦୧ ମସିହା ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତ ହୋଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଲେଭେଲ୍-୪ରୁ ଲେଭେଲ୍-୩କୁ ପଦୋନ୍ନତି ପାଇଁ ଓଟିଇଟି ପାସ୍‌କୁ ବାଧ୍ୟତାମୂଳକ ସର୍ତ୍ତ ଭାବେ ଲାଗୁ କରାଯାଇପାରିବ ନାହିଁ ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ମାମଲାର ଶୁଣାଣି କରି ହାଇକୋର୍ଟ କଟକ ଜିଲ୍ଲାର ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ନ ହେବା ପର୍ଯ୍ୟନ୍ତ କୌଣସି ପଦୋନ୍ନତି ନ ଦେବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।




# ଏମଏମଡିଆର ଆଇନ ରଦ୍ଦ ଦାବିରେ ଇଣ୍ଡି ମେଣ୍ଟର ବିକ୍ଷୋଭ

## ଧସ୍ତାଧସ୍ତିରେ ମହିଳା କଂଗ୍ରେସ ସଭାନେତ୍ରୀ ଆହତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମଏମଡିଆର ଆଇନ ରଦ୍ଦ ଦାବିରେ ଲୋୟର ପିଏମ୍‌ଜିରେ ଇଣ୍ଡି ମେଣ୍ଟ ପକ୍ଷରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଣ୍ଟ ପରିବର୍ତ୍ତନ ରାଲି କରି ସରକାରଙ୍କୁ ଘେରିଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମଏମଡିଆର ବିଲ୍ ପ୍ରତ୍ୟାହାର ଦାବି, ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଏସଆଇଆର ପ୍ରକ୍ରିୟାକୁ ବିରୋଧ କରିଛି ମେଣ୍ଟ । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ କଂଗ୍ରେସ ସମେତ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେସନ୍, ଫରୱାର୍ଡ ବ୍ଲକ୍, ଏନ୍‌ସିପି, ସମାଜବାଦୀ ପାର୍ଟି ଓ ଆରଜେଡିର ନେତା ଓ କର୍ମୀ ମାନେ ସାମିଲ ହୋଇଥିଲେ। ବିକ୍ଷୋଭ ପ୍ରଦର୍ଶନ ଅବସରରେ ମହିଳା କଂଗ୍ରେସ ସରକାର ବିରୋଧୀ ସ୍ଲୋଗାନ ଦେବାବେଳେ ମହିଳା ପୋଲିସ ପକ୍ଷରୁ ହଠାତ ଆକ୍ରମଣ ହୋଇ ଧସ୍ତାଧସ୍ତି ଆରମ୍ଭ କରାଯାଇଥିଲା । ପୋଲିସର ଆକ୍ରମଣ ଫଳରେ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଆହତ ହେବାରୁ ତାଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି । ତେବେ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଛି ବୋଲି ସୂଚନା ମିଳିଛି । ଶ୍ରୀମତୀ ବାହିନୀପତିଙ୍କ ସହ ମହିଳା କଂଗ୍ରେସର ଅନେକ ନେତ୍ରୀ ପୋଲିସର ବର୍ବର ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି । ଏହାକୁ ନେଇ କଂଗ୍ରେସ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୋଲିସର ଏଭଳି ଅସାମ୍ବିଧାନିକ ଓ ଅମାନୁଷିକ କାର୍ଯ୍ୟକୁ କଠୋର ସମାଲୋଚନା କରାଯାଇଛି

## ୮ ରେ କଂଗ୍ରେସର ଓଡ଼ିଶା ବନ୍ଦ ଡାକରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଛି। ଏହି ଓଡ଼ିଶା ବନ୍ଦରେ ସାମିଲ ହେବା ପାଇଁ ଇଣ୍ଡି ମେଣ୍ଟର ସମସ୍ତ ସହଯୋଗୀ ଦଳର ସଦସ୍ୟଙ୍କୁ କଂଗ୍ରେସ ପକ୍ଷରୁ ଅପିଲ୍ କରାଯାଇଛି। ବନ୍ଦକୁ ସଫଳ କରିବା ପାଇଁ ଦଳୀୟ କର୍ମୀ ଓ ନେତାମାନେ ଲୋକଙ୍କ ସହଯୋଗ ଲୋଡ଼ିବେ ବୋଲି କୁହାଯାଇଛି। ପିସିସି ସଭାପତି ଶ୍ରୀ ଦାସଙ୍କ ଘୋଷଣା ପରେ ୮ ତାରିଖର ବନ୍ଦକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି।

## କିମ୍‌ସରେ ବିଶ୍ୱ ହୃଦୟ ଦିବସ ପାଳିତ

# ହୃଦୟ ସୁସ୍ଥତାର ଗୁରୁତ୍ୱ ସଂପର୍କରେ ସଚେତନତା

**ଭୁବନେଶ୍ୱର, ୨୯।୯ ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ) ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ବିଶ୍ୱ ହୃଦୟ ଦିବସ ପାଳନ କରାଯାଇଛି । ଏହି ଅବସରରେ କିମ୍‌ସ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ କିମ୍‌ସର କାର୍ଡିଓଲୋଜି ବିଭାଗର ଡାକ୍ତର, କର୍ମଚାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ହୃଦୟ ସୁସ୍ଥତାର ଗୁରୁତ୍ୱ ସଂପର୍କରେ ଲୋକଙ୍କୁ ସଚେତନ କରିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବା ଏହି ସଚେତନତା ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମୂହିକ ସିପିଆର ପ୍ରଶିକ୍ଷଣ। ଏଥିରେ କିସ୍‌ରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହୃଦ୍‌ଘାତଜନିତ ଜରୁରୀ ପରିସ୍ଥିତିରେ କାର୍ଡିଓପଲମୋନାରି ରିସସିଟେସନ୍ (ସିପିଆର)ର ଗୁରୁତ୍ୱ ଏବଂ ଏହାର ପ୍ରାଥମିକ ପଦକ୍ଷେପ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କୌଣସି ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇପଡ଼ିଲେ କିମ୍ବା ସ୍ୱାଭାବିକ ଭାବେ ନିଃଶ୍ୱାସ ନେଉନଥିଲେ, ଡାକ୍ତରୀ ସହାୟତା ପହଞ୍ଚିବା ପୂର୍ବରୁ ସିପିଆର ତୁରନ୍ତ ଜୀବନ ରକ୍ଷାରେ ସହାୟକ ହୋଇପାରେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ଜରୁରୀ ସମୟରେ ତୁରନ୍ତ ସହାୟତା ଯୋଗାଇପାରୁଥିବା ପ୍ରଶିକ୍ଷିତଙ୍କ ଏକ ଗୋଷ୍ଠୀ ସୃଷ୍ଟି କରିବା ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ କିସ୍‌ର ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କାର୍ଡିଓଲୋଜି ବିଭାଗ ମୁଖ୍ୟ ଡା. ସୁବାଶିଷ ମିଶ୍ର, ପ୍ରଫେସର ଡା. ପଞ୍ଚାନନ ସାହୁ, ନିଶ୍ଚେତକ ବିଭାଗର ଡା. ଅଶୋକ କୁମାର ବଡ଼ମାଳୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





# ଅମ୍ବାଭୋନାରେ ବନ୍ୟା ସ୍ଥିତି ଗମ୍ଭୀର : ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି

**ବରଗଡ, ୨୯/୦୯ ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରର ୨୮ଟି ସ୍ଲୁଇସ୍ ଗେଟ୍ ଖୋଲାଯିବା ଫଳରେ ସୃଷ୍ଟି ହୋଇଥିବା ପଛୁଆ ଜଳ (ବ୍ୟାକ୍ ୱାଟର) ପ୍ରଭାବରେ ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଚିଖିଲି, ଅନ୍ତରାଡ଼ି, ଘୁଗୁରାପାଲି ଓ ବେନିଆପାଲି ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବିପଦପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ, ପଞ୍ଚାୟତ ସମିତି, ଅଗ୍ନିଶମ ବାହିନୀ ଏବଂ ପୋଲିସ ପ୍ରଶାସନର ଏକ ମିଳିତ ଟିମ୍ ଦ୍ୱାରା ତୁରନ୍ତ ବ୍ୟାପକ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ସବୁ ପ୍ରଭାବିତ ଗ୍ରାମଗୁଡ଼ିକରୁ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ବିଭିନ୍ନ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଏଥିସହିତ ବିପନ୍ନମାନଙ୍କୁ ଆଶ୍ରୟସ୍ଥଳୀଗୁଡ଼ିକରେ ସୁରକ୍ଷିତ ରଖାଯିବା ସହ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ସମ୍ପୂର୍ଣ୍ଣ ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ୍ ପରିଚାଳନା କାର୍ଯ୍ୟସୂଚୀକୁ ଅତିରିକ୍ତ ତହସିଲଦାର, ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ (ଏବିଡିଓ), ଅଗ୍ନିଶମ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ଜି.ପି.ଡି.ଓ, ସରପଞ୍ଚ, ପି.ଇ.ଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳନ କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚବିଶ ଘଣ୍ଟିଆ ନଜର ରଖାଯିବା ସହ ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି। ପ୍ରଶାସନିକ ତଥ୍ୟ ଅନୁଯାୟୀ, ଅନ୍ତରାଡ଼ି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସମୁଦାୟ ୩୦୫ ଜଣଙ୍କୁ ଆଶ୍ରୟ ଦିଆଯାଇଛି, ଯେଉଁଥିରେ ୧୪୭ ଜଣ ପୁରୁଷ, ୯୫ ଜଣ ମହିଳା, ୪ ଜଣ ଗର୍ଭବତୀ ମହିଳା, ୩୪ ଜଣ ବୃଦ୍ଧବୃଦ୍ଧା ଏବଂ ୨୫ ଜଣ ଶିଶୁ ସାମିଲ ଅଛନ୍ତି। ସେହିପରି ଘୁଗୁରାପାଲି ବିଦ୍ୟାଳୟଠାରେ ଖୋଲାଯାଇଥିବା ଆଶ୍ରୟସ୍ଥଳୀରେ ସମୁଦାୟ ୧୫୨ ଜଣ ବନ୍ୟାବିପନ୍ନ ରହିଛନ୍ତି, ଯେଉଁଥିରେ ୬୫ ଜଣ ପୁରୁଷ, ୬୧ ଜଣ ମହିଳା, ୧ ଜଣ ଗର୍ଭବତୀ ମହିଳା, ୮ ଜଣ ବୃଦ୍ଧବୃଦ୍ଧା ଓ ୧୭ ଜଣ ଶିଶୁ ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଗଛିଆପାଲି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ୧୫୫ ଜଣ ପୁରୁଷ, ୭୫ ଜଣ ମହିଳା, ୨୦ ଜଣ ଶିଶୁ ଏବଂ ୩ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ରଖାଯାଇ ଆବଶ୍ୟକୀୟ ରିଲିଫ୍ ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ସମସ୍ତ ଆଶ୍ରୟସ୍ଥଳୀରେ ବନ୍ୟାବିପନ୍ନମାନଙ୍କ ପାଇଁ ପାନୀୟ ଜଳ, ବିଶୁଦ୍ଧ ଖାଦ୍ୟ ଓ ଜରୁରୀ ସ୍ୱାସ୍ଥ୍ୟ ସେବାର ସୁବିଧା ପ୍ରଶାସନ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ଏବଂ ଜଳସ୍ତର ହ୍ରାସ ନପାଇବା ପର୍ଯ୍ୟନ୍ତ ଏହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୦୯/୨୦୨୬
4,39,736/- ଟଙ୍କା
ସୁନା:- ୦୨ ଗ୍ରାମ୍ ୬୦୦ ମିଲିଗ୍ରାମ୍
ରୂପା:- ୬୬ଗ୍ରାମ୍ ୦୦୦ ମିଲିଗ୍ରାମ୍

# ଭିଜିଲାନ୍ସ ଜାଲରେ ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସ ସହକାରୀ ନିର୍ଦ୍ଦେଶକ, ୭ ଠିକଣାରେ ଚଢଉ



**ସମ୍ବଲପୁର, ୨୯/୦୯ ନ୍ୟୁଜ ବ୍ୟୁରୋ**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ୭ ଠିକଣାରେ ଚଢ଼ଉ କରିଛି ଭିଜିଲାନ୍ସ । ମଙ୍ଗଳବାର ସକାଳୁ ଏକାସାଙ୍ଗରେ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାର ମୋଟ ୭ଟି ସ୍ଥାନରେ ଏହି ଜୋରଦାର ଚଢ଼ଉ ଜାରି ରହିଛି । ସେ କେଉଁଠୁ ସମ୍ପତ୍ତି ଠୁଳ କଲେ ଖିଅ ଖୋଜୁଛି ଭିଜିଲାନ୍ସ । ସମ୍ବଲପୁର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢଉରେ ୮ ଜଣ ଡିଏସପି, ୧୧ ଜଣ ଇନ୍ସପେକ୍ଟର, ୧୧ ଜଣ ଏଏସଆଇ ଏବଂ ବହୁ ସଂଖ୍ୟାରେ ଭିଜିଲାନ୍ସ କର୍ମଚାରୀ ସାମିଲ ଅଛନ୍ତି । ସମ୍ବଲପୁର ସ୍ଥିତ ଧନକଉଡା ସ୍ଥିତ ସନ୍ ସିଟି ଆପାର୍ଟମେଣ୍ଟରେ ଥିବା ଉମାକାନ୍ତ ସାମନ୍ତରାୟଙ୍କ ୩ ବିଏଚ୍‌କେ ଆବାସିକ ଫ୍ଲାଟ୍, ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ରୋଡ୍, ନନ୍ଦନ ବିହାରରେ ଥିବା ଏକ ବିଶାଳ ଡୁପ୍ଲେକ୍ସ ଭବନ, ଜଟଣୀ ନିକଟସ୍ଥ ବାରକୁଡ଼ାର ଇଣ୍ଡସ କଲେଜ ଅଫ୍ ଇଞ୍ଜିନିୟରିଂ ନିକଟରେ ଥିବା ତାଙ୍କର ଏକ କୋଠା, ପୁରୀର ବାଲିଗୁଆଳି ତୋଟା ବେହେରା ସାହିରେ ଥିବା ଏକ ୩ ତାଲା ବିଶିଷ୍ଟ କୋଠା, ବାଲୁଗାଁ ସ୍ଥିତ ସୁବାଷ ମାର୍ଗରେ ଥିବା ଏକ ୨ ତାଲା ବିଶିଷ୍ଟ କୋଠା, ବାଲୁଗାଁ ଅଶୋକ ନଗର ସ୍ଥିତ ତାଙ୍କର ପୈତୃକ ୨ ତାଲା ବିଶିଷ୍ଟ ଘର, ସମ୍ବଲପୁର ଡେପୁଟି ଡାଇରେକ୍ଟର, ଫ୍ୟାକ୍ଟ୍ରି ଓ ବଏଲର୍ସ କାର୍ଯ୍ୟାଳୟରେ ଥିବା ତାଙ୍କର ସରକାରୀ ପ୍ରକୋଷ୍ଠରେ ଜାରି ରହିଛି ଭିଜିଲାନ୍ସ ବିଭାଗର ଚଢ଼ଉ। ସରକାରୀ ପଦବୀର ଅପବ୍ୟବହାର କରି ଉମାକାନ୍ତ ସାମନ୍ତରାୟ ନିଜର ବୈଧ ଆୟ ତୁଳନାରେ ବିପୁଳ ପରିମାଣରେ ଜମି, କୋଠା ଓ ଅନ୍ୟାନ୍ୟ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସମସ୍ତ ସ୍ଥାନରେ କାଗଜପତ୍ର, ବ୍ୟାଙ୍କ ଆକାଉଣ୍ଟ, ସୁନାଗହଣା ଓ ସମ୍ପତ୍ତି ସମ୍ପର୍କିତ ଆକଳନ ଜାରି ରହିଛି । ଚଢ଼ଉ ଶେଷ ହେବା ପରେ ତାଙ୍କର ମୋଟ ଚଳ ଓ ଅଚଳ ସମ୍ପତ୍ତିର ପରିମାଣ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଅପେକ୍ଷାରେ ...

ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬




ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର

**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।

**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।

**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।

**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ

**ସମୀକ୍ଷା :** ମାନିନୀ ମିଶ୍ର

**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ

**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା

**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

## ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

# ଅବ୍ୟବହୃତ ଜମିର ପୁନରୁଦ୍ଧାର କରାଯାଉ

**ଭୁବନେଶ୍ୱର, ୨୯/୦୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ପ୍ରକଳ୍ପ ପାଇଁ ଉପଲବ୍ଧ ସରକାରୀ ଜମିର ସୁବ୍ୟବସ୍ଥିତ, ଉତ୍ପାଦନଶୀଳ ଓ ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁରୁତ୍ୱ ଦେଇଛି । ଦୀର୍ଘ ସମୟ ଧରି ଅବ୍ୟବହୃତ ରହିଥିବା କିମ୍ବା ଅନୁମୋଦିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲିଜ ପ୍ରଦତ୍ତ ତଥା ଆଲିଏନେଟ ବା ହସ୍ତାନ୍ତରିତ ହୋଇଥିବା ସରକାରୀ ଜମିର ସମୀକ୍ଷା ହୋଇଛି । ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସରକାରୀ ବିଭାଗ, କର୍ପୋରେସନ, ସଂସ୍ଥା, ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ସରକାରୀ ଜମି ଆଡଭାନ୍ସ ପଜେସନ, ପରମିସିଭ ପଜେସନ, ଲିଜ କିମ୍ବା ଆଲିଏନେସନ ମାଧ୍ୟମରେ ପ୍ରଦାନ କରାଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ତାହା ଅବ୍ୟବହୃତ ରହିଛି କିମ୍ବା ଅନୁମୋଦିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଛି। ଏଭଳି ପରିସ୍ଥିତି ସରକାରୀ ଜମି ଆବଣ୍ଟନର ଉଦ୍ଦେଶ୍ୟ ଓ ଏହାର ସମୁଚିତ ବ୍ୟବହାରକୁ ବାଧାପ୍ରାପ୍ତ କରୁଥିବାରୁ ଏହାର ବିସ୍ତୃତ ସମୀକ୍ଷା ଆବଶ୍ୟକ ବୋଲି ଦର୍ଶାଯାଇଛି । ଏହି ପରିପ୍ରେକ୍ଷୀରେ ରାଜସ୍ୱ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାରେ ଆଡଭାନ୍ସ ପଜେସନ, ପରମିସିଭ ପଜେସନ, ଲିଜ ଓ ଆଲିଏନେସନ ମାଧ୍ୟମରେ ଦିଆଯାଇଥିବା ସରକାରୀ ଜମିର ବ୍ୟାପକ ଓ ସମୟବଦ୍ଧ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, 'ସରକାରୀ ଜମି ଏକ ମୂଲ୍ୟବାନ ସାର୍ବଜନୀନ ସମ୍ପଦ। ସୁତରାଂ ଏହାର ଅପବ୍ୟବହାର, ଅନଧିକୃତ ଦଖଲ କିମ୍ବା ଅନଧିକୃତ ଧାରଣକୁ ରୋକିବା ସହ ଏହାର ସୁରକ୍ଷା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ବିଶେଷତଃ, ଯେଉଁ ମାମଲାରେ କୌଣସି ସ୍ୱାର୍ଥନିହିତ ମହଲ, ପ୍ରଭାବଶାଳୀ ସଂଗଠନ କିମ୍ବା ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ଜଡ଼ିତ ଥାଏ, ସେସବୁ କ୍ଷେତ୍ରରେ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀମାନେ କୌଣସି ପ୍ରକାର ଭୟ, ପକ୍ଷପାତ, ଚାପ କିମ୍ବା ପ୍ରଭାବର ବଶବର୍ତ୍ତୀ ନ ହୋଇ ନିର୍ଭୀକ, ନିରପେକ୍ଷ ଓ ଆଇନସମ୍ମତ ଭାବେ ନିଜର ବିଧିସମ୍ମତ ଦାୟିତ୍ୱ ନିର୍ବାହ କରିବା ଉଚିତ । ସ୍ୱାର୍ଥନିହିତ ମହଲ, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି କିମ୍ବା ଏପରି କୌଣସି ଅନୈତିକ ଅନୁଷ୍ଠାନ ସହ ସରକାରୀ ଅଧିକାରୀଙ୍କର କୌଣସି ପ୍ରକାର ସମ୍ପର୍କ କିମ୍ବା ସହଯୋଗ ପ୍ରମାଣିତ ହେଲେ, ପ୍ରଚଳିତ ଆଇନର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ ତଥା ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଏହି ପରିପ୍ରେକ୍ଷୀରେ, ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏ ସମ୍ପର୍କରେ ଯଥାଯଥ ଭାବେ ସଚେତନ ଓ ସମ୍ବେଦନଶୀଳ କରାଯିବା ସହ ସରକାରୀ ଜମିର ସୁରକ୍ଷା ଓ ସୁବ୍ୟବସ୍ଥିତ ପରିଚାଳନା ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରାଯିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଆଡଭାନ୍ସ ପଜେସନ କ୍ଷେତ୍ରରେ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ, ୧୯୮୩ର ନିୟମ ୧୧-ଇ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ସହ ବକେୟା ମାମଲାଗୁଡ଼ିକର ତ୍ୱରିତ କ୍ଷେତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି । ଜମି ଅବ୍ୟବହୃତ ଥିଲେ କିମ୍ବା ଅନୁମୋଦିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିଲେ, ଆଇନ ଅନୁଯାୟୀ ଜମିକୁ ସରକାରଙ୍କ ନିକଟକୁ ପୁନଃ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି । ସେହିପରି ପରମିସିଭ ପଜେସନ ଅଧୀନରେ ଥିବା ଜମିର ବର୍ତ୍ତମାନର ବ୍ୟବହାର ସ୍ଥିତି ଯାଞ୍ଚ କରାଯିବ। ଜମି ଖାଲି ପଡ଼ିଥିଲେ କିମ୍ବା ପରମିସିଭ ପଜେସନର ସର୍ତ୍ତାବଳୀ ପାଳନ ହେଉନଥିଲେ, ଓଡ଼ିଶା ସରକାରୀ ଜମି ସେଟଲମେଣ୍ଟ ନିୟମ, ୧୯୮୩ର ନିୟମ ୯-ଇ(୨) ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ସଂସ୍ଥା, ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ଲିଜ୍ ଦିଆଯାଇଥିବା ସରକାରୀ ଜମିର ମଧ୍ୟ କେସ୍-ଭିତ୍ତିକ ସମୀକ୍ଷା ହେବ। ଯେଉଁ କ୍ଷେତ୍ରରେ ଜମି ସେଟଲମେଣ୍ଟ ତାରିଖରୁ ୩ ବର୍ଷରୁ ଅଧିକ ସମୟ ଅବ୍ୟବହୃତ ରହିଛି କିମ୍ବା ଅନୁମୋଦିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଛି, ସେଗୁଡ଼ିକୁ ଚିହ୍ନଟ କରି ଆଇନାନୁଯାୟୀ ରିଜମ୍ପସନ୍ ପ୍ରକ୍ରିୟା ଆରମ୍ଭ ଓ ତ୍ୱରିତ ଭାବେ ସମାପ୍ତ କରିବାକୁ କୁହାଯାଇଛି ।

